୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.26 Bhubaneswar Friday March 01 2024 | ୨୬ତମ ବର୍ଷ ସଂଖ୍ୟା-୨୬ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୦୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ସ୍ୱାସ୍ଥ୍ୟ ବିଭାଗର ୬ ପ୍ରସ୍ତାବ ସମେତ ୮ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

ଭୁବନେଶ୍ୱର,୨୯।୨(ପି.ଏନ): ରାଜ୍ୟ କ୍ୟାବିନେଟର ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ସ୍ୱାସ୍ଥ୍ୟ ବିଭାଗର ୬ଟି ପ୍ରସ୍ତାବ ସମେତ ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ଏଥିରେ ସାମିଲ ଅଛି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଆଜି ମୋଟ ୮ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । ସେଥିରେ ୬ଟି ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ୨ଟି ମହିଳା ଓ ଶିଶୁବିକାଶ ବିଭାଗ ଏବଂ ଜଳସମ୍ପଦ ବିଭାଗର ଥିଲା । ଏଥିରେ ଅଧିକାଂଶ ପ୍ରସ୍ତାବ କ୍ୟାଡର ସଂଶୋଧନ ଓ ସେବା ସର୍ତ୍ତାବଳୀ ସଂକ୍ରାନ୍ତ । ଦୀର୍ଘଦିନ ଧରି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟରତ ୫୦୪ଜଣ ଚୁକ୍ତିଭିତ୍ତିକ ସୁପରଭାଇଜରଙ୍କ ଚାକିରିକୁ ନିୟମିତକରଣ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି । ସେମାନଙ୍କ ଚାକିରି ନିୟମିତ ହେବା ଦ୍ୱାରା ରାଜ୍ୟରେ ଅତ୍ୟାବଶ୍ୟକ ସେବାଗୁଡିକର ନିରନ୍ତର ବିତରଣ ଓ ରାଜ୍ୟରେ ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ) କାର୍ଯ୍ୟକ୍ରମ ଅଧୀନରେ ଥିବା ସମାଜର ଅସୁରକ୍ଷିତ ଶିଶୁ ଓ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ । ଏହି ଚୁକ୍ତିଭିତ୍ତିକ ସୁପରଭାଇଜର ସଂଘ ଜରିଆରେ ମିଳିଥିବା ଦାବିପତ୍ର ଓ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିଙ୍କୁ ଦେଇଥିବା ଆବେଦନକୁ ଦୃଷ୍ଟିରେ ରଖି ସେମାନଙ୍କ ଚାକିରିକୁ ନିୟମିତ କରିବା ପାଇଁ ବିଚାର ହୋଇଛି । ଏଥିପାଇଁ ରାଜ୍ୟ ସରକାରଙ୍କୁ ୧୮.୫୧ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡିବ । ଚାକିରି ନିୟମିତ ହେବା ଫଳରେ ଗ୍ରାମାଂଚଳ ଓ ଆଦିବାସୀ ଅଂଚଳର ଶିକ୍ଷିତ ମହିଳାମାନେ ନିଷ୍ଠାର ସହ ସୁପରଭାଇଜର ଭାବେ କାର୍ଯ୍ୟ କରିବା ପାଇଁ ଅନୁପ୍ରାଣୀତ ହେବେ ।ସେହିପରି ଓଡିଶା ନର୍ସିଂ ସେବା କ୍ୟାଡରର ପୁନର୍ଗଠନ ଓ ଓଡିଶା ନର୍ସିଂ ସେବା ଚୟନ ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ-୨୦୧୯ର ପୁନଃ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଭାରତୀୟ ନର୍ସିଂ ପରିଷଦର ନିୟମାବଳୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜାରି ଭାରତୀୟ ଜନସ୍ୱାସ୍ଥ୍ୟ ପରିମାପକ ସଂଶୋଧିତ ନିୟମାବଳୀ-୨୦୨୨ ଅନୁସାରେ ରାଜ୍ୟ ସରକାର ଅନୁରୂପ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ । ନର୍ସିଂ ଅଧିକାରୀମାନଙ୍କ ଉପଯୁକ୍ତ ବୃତ୍ତିଗତ ପ୍ରୋତ୍ସାହନ ପାଇଁ ଓଡିଶା ନର୍ସିଂ ସେବା କ୍ୟାଡରର ପୁନର୍ଗଠନ ପ୍ରସ୍ତାବକୁ ସାଧାରଣ ପ୍ରଶାସନ ଓ ଅର୍ଥ ବିଭାଗ ଦ୍ୱାରା ମଧ୍ୟ ମଞ୍ଜୁରୀ ମିଳିଛି ।



## ସୋଲାର ଯୋଜନାକୁ କ୍ୟାବିନେଟ ଅନୁମତି, ମିଳିବ ୩୦୦ ୟୁନିଟ ମାଗଣା ବିଜୁଳି

ଭୁବନେଶ୍ୱର,୨୯।୨(ପି.ଏନ): ନବୀକରଣ ଯୋଗ୍ୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଆଜି କେନ୍ଦ୍ର ସରକାର ବଡ ନିଷ୍ପତ୍ତି ନେଇଛନ୍ତି। ପିଏମ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଉପରେ ଆଜି କେନ୍ଦ୍ର କ୍ୟାବିନେଟର ମୋହର ବାଜିଛି।ଏହି ଯୋଜନା ଅଧୀନରେ ଛାତ ଉପରେ ସୋଲାର ସିଷ୍ଟମ ବ୍ୟବସ୍ଥା ପାଇଁ ୧ କୋଟି ପରିବାରକୁ ୭୮ ହଜାର ଟଙ୍କା ଯାଏ ସହାୟତା ଯୋଗାଇ ଦିଆଯିବ। ଏହାଦ୍ୱାରା ସେମାନେ ମାସିକ ୩୦୦ ୟୁନିଟ ଯାଏ ମାଗଣା ବିଜୁଳି ପାଇପାରିବେ।



## ବିଜେପିରେ ମିଶିଲେ ବିଜେଡି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ମାମୁ

ଭୁବନେଶ୍ୱର,୨୯।୨(ପି.ଏନ): ବିଜେଡି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ମାମୁ ଭବାନୀ ଶଙ୍କର ଜଗଦ୍ଦେବ ମହାପାତ୍ର ଆଜି ବିଜେପିରେ ମିଶିଛନ୍ତି। ଭୁବନେଶ୍ୱର ସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଦଳରେ ସାମିଲ ହୋଇଥିଲେ। ଦଳର ରାଜ୍ୟ ନିର୍ବାଚନ ସହ ପ୍ରଭାରୀ ଲତା ଉସେଣ୍ଡି, ସାଂସଦ ଅପରାଜିତା ଷଡଙ୍ଗୀ ଓ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ସେ ବିଜେପିରେ ମିଶିଥିଲେ ।ଭବାନୀ ଶଙ୍କର ଜଗଦ୍ଦେବ ମହାପାତ୍ର ୧୯୯୦ ଓ ୧୯୯୫ରେ ବେଗୁନିଆରୁ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ଉଭୟ ଥର ସେ ପରାସ୍ତ ହୋଇଥିଲେ। ୧୯୯୫ରେ ସେ ଜନତା ଦଳ ଟିକେଟରେ ଲଢ଼ିଥିଲେ। ତା'ପରେ ସେ ରାଜନୀତିରୁ ଦୂରେଇ ଯାଇଥିଲେ। ଚଳିତ ବର୍ଷ ସେ ବେଗୁନିଆରୁ ବିଜେଡି ଟିକେଟରେ ପ୍ରାର୍ଥୀ ହେବାକୁ ମନ କରିଥିଲେ। ହେଲେ ବିଜେଡିରୁ ଟିକେଟ୍ ମିଳିବାର ସମ୍ଭାବନା ନଥିବାରୁ ସେ ବିଜେପିରେ ସାମିଲ ହୋଇଛନ୍ତି।

## ଆପାର୍ଟମେଣ୍ଟ ଲୁଟେରା ଗ୍ୟାଙ୍ଗକୁ ଧରିଲା କମିଶନରେଟ୍ ପୁଲିସ୍, ସ୍ୱେଶ୍ ଟାଉନ୍‌ରୁ କରିଥିଲେ ଲୁଟ୍

ଭୁବନେଶ୍ୱର,୨୯।୨(ପି.ଏନ): ଏକ ଆନ୍ତଃରାଜ୍ୟ ଆପାର୍ଟମେଣ୍ଟ ଲୁଟେରା ଗ୍ୟାଙ୍ଗକୁ ଧରିଛି କମିଶନରେଟ ପୁଲିସ। ଏହି ଗ୍ୟାଙ୍ଗର ୯ ଜଣଙ୍କୁ ଗିରଫ କରିଛି କମିଶନରେଟ ପୁଲିସର ସ୍ପେଶାଲ ସ୍କ୍ୱାଡ୍। ସେମାନଙ୍କଠାରୁ ନଗଦ ୩ ଲକ୍ଷ ୨୦ ହଜାର ଟଙ୍କା, ଦେ? କେଜି ପାଖାପାଖି ରୁପା ଅଳଙ୍କାର, କିଛି ସୁନା ଅଳଙ୍କାର, ୪ଟି ବାଇକ୍, ୮ଟି ମୋବାଇଲ୍ ଓ ଲୁଟ୍ ପାଇଁ ବ୍ୟବହାର କରୁଥିବା କିଛି ସାମଗ୍ରୀ ଜବତ କରାଯାଇଥିବା ପୁଲିସ୍ କମିଶନର ସଞ୍ଜୀବ ପଣ୍ଡା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।ଶ୍ରୀ ପଣ୍ଡା କହିଛନ୍ତି, ଏପର୍ଯ୍ୟନ୍ତ ଏହି ଗ୍ୟାଙ୍ଗର ୯ ଜଣ ସଦସ୍ୟ ଧରାପଡିଛନ୍ତି। ଏହି ଗ୍ୟାଙ୍ଗର ମୁଖ୍ୟ ହେଉଛନ୍ତି ଗିରିଶ ନାଏକ ଓରଫ ଦାଦା। ତାଙ୍କ ନାଁରେ ଦୁଇଟି ହତ୍ୟା ମାମଲା ମଧ୍ୟ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଜେରାରୁ ଜଣାପଡିଛି ଯେ ମଞ୍ଚେଶ୍ୱରର 'ସ୍ୱେଶ୍ ଟାଉନ୍' ଲୁଟ୍‌ରେ ଏହି ଗ୍ୟାଙ୍ଗର ସଂପୃକ୍ତି ରହିଛି। 'ସ୍ୱେଶ ଟାଉନ୍'ରେ ୪ଟି ଫ୍ଲାଟ୍‌ରୁ ଚୋରି ହୋଇଥିଲା। ଏହା ସହିତ ଭୁବନେଶ୍ୱରରେ ଆହୁରି ୬ଟି ମାମଲାରେ ଏହି ଗ୍ରୁପ ସଂପୃକ୍ତ ଥିବା ଜଣାପଡିଛି ।ଏହି ଗ୍ରୁପ୍‌ର ଆଉ ଜଣେ ସଦସ୍ୟ ହେଉଛନ୍ତି ବୁଲୁ ପାତ୍ର। ତାଙ୍କ ନାଁରେ ଗଞ୍ଜାମରେ ୪୦/୫୦ ମାମଲା ରହିଥିବା ଖବର ମିଳିଛି। ୨୦୧୫ରେ ସେ ଏକ ଗହଣା ଦୋକାନରୁ ୮ କିଲୋ ସୁନା ଲୁଟି ନେଇଥିଲେ। ସେହି ମାମଲାରେ ତାଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଗ୍ୟାଙ୍ଗର ଆଉ ଜଣେ ସଦସ୍ୟ ହେଉଛନ୍ତି ମୃତ୍ୟୁଞ୍ଜୟ ସାହୁ। ତାଙ୍କ ନାଁରେ ବହୁତ ମାମଲା ରହିଛି। ତାଙ୍କ ନାଁରେ ୩ଟି ହତ୍ୟା ମାମଲା ମଧ୍ୟ ଥିବା ଜଣାପଡିଛି ।ଏହି ଗ୍ୟାଙ୍ଗ କେବଳ ଓଡିଶାରେ ସକ୍ରିୟ ନଥିଲା। ସେମାନେ ଛତିଶଗଡ, ମୁମ୍ବାଇ ଓ ହାଇଦ୍ରାବାଦରେ ମଧ୍ୟ ଲୁଟ୍ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନେଇ ସେଠାକାର ପୁଲିସ୍ ସହିତ ଯୋଗାଯୋଗ କରାଯିବ ବୋଲି ସେ କହିଛନ୍ତି।



## ବଢ଼ିଲା ଅଙ୍ଗନବାଡ଼ି କର୍ମୀଙ୍କ ଦରମା

ଭୁବନେଶ୍ୱର,୨୯।୨(ପି.ଏନ): ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ତା' ସହିତ ଅଙ୍ଗନବାଡି ସହାୟିକାଙ୍କ ପାରିଶ୍ରମିକ ବ?ଛି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି ଏହି ଘୋଷଣା। ଏହା ଦ୍ୱାରା ରାଜ୍ୟର ୧ ଲକ୍ଷ ୪୮ ହଜାର ଅଙ୍ଗନବାଡି କର୍ମୀ, ମିନି ଅଙ୍ଗନବାଡି କର୍ମୀ ଓ ଅଙ୍ଗନବାଡି ସହାୟିକା ଉପକୃତ ହେବେ। ଅଙ୍ଗନବାଡି କର୍ମୀଙ୍କ ମାସିକ ପାରିଶ୍ରମିକ ୭୫୦୦ରୁ ୧୦ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ମିନି ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ୫୩୭୫ରୁ ୭୨୫୦ ଟଙ୍କାକୁ ବ?ଛି। ଅଙ୍ଗନବାଡ଼ି ସହାୟିକାଙ୍କ ପାରିଶ୍ରମିକ ୩୭୫୦ରୁ ୫ ହଜାର ଟଙ୍କା ହୋଇଛି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବେ ।ବର୍ଦ୍ଧିତ ପାରିଶ୍ରମିକ ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଅକ୍ଟୋବର ୨୦୨୩ରୁ ଜାନୁଆରୀ ୨୦୨୪- ଚାରି ମାସର ବର୍ଦ୍ଧିତ ବକେୟା ରାଶି ମାର୍ଚ୍ଚ ୫ ତାରିଖରୁ ୧୦ ତାରିଖ ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ଚଳିତ ଫେବ୍ରୁଆରୀ ମାସରୁ ସେମାନଙ୍କୁ ବର୍ଦ୍ଧିତ ପାରିଶ୍ରମିକ ନିୟମିତ ଭାବେ ମିଳିବ ।ଅଙ୍ଗନବାଡି କର୍ମଚାରୀଙ୍କ ସେବା ନିବୃତ୍ତି ପ୍ରୋତ୍ସାହନ ରାଶି ବୃଦ୍ଧି କରାଯାଇଛି। ଏହା ଆସନ୍ତା ଏପ୍ରିଲ ପହିଲା (୦୧.୦୪.୨୦୨୪)ରୁ ଲାଗୁ ହେବ। ବର୍ଦ୍ଧିତ ପ୍ରୋତ୍ସାହନ ରାଶି ବାବଦରେ ଅଙ୍ଗନବାଡି କର୍ମୀମାନେ ପୂର୍ବରୁ ପାଉଥିବା ୪୦ ହଜାର ଟଙ୍କା ପରିବର୍ତ୍ତ? ୧ ଲକ୍ଷ ଟଙ୍କା ପାଇବେ। ମିନି ଅଙ୍ଗନବାଡି କର୍ମୀମାନେ ୩୦ ହଜାର ଟଙ୍କା ପରିବର୍ତ୍ତେ ୭୫ ହଜାର ଟଙ୍କା ପାଇବେ ଓ ଅଙ୍ଗନବାଡି ସହାୟିକାମାନେ ୨୦ ହଜାର ଟଙ୍କା ପରିବର୍ତ୍ତେ ୫୦ ହଜାର ଟଙ୍କା ପାଇବେ ।ସେହିପରି ସାମାଜିକ ସୁରକ୍ଷା ଦିଗରେ- ମୃତ୍ୟୁ କିମ୍ବା ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ନିମନ୍ତେ ଅଙ୍ଗନବାଡି କର୍ମୀ, ମିନି ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କୁ ୨ ଲକ୍ଷ ଟଙ୍କା ଓ ଆଂଶିକ ଅକ୍ଷମତା ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଏହି ସୁବିଧା ମଧ୍ୟ ୦୧.୦୪.୨୦୨୪ରୁ ଲାଗୁ ହେବ।

KISS

KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 indigenous children



KISS HUMANITARIAN AWARD 2023

PAST RECIPIENTS

Her Excellency Mama Rachel Ruto, EGH
First Lady of the Republic of
Kenya (2022)

Dr. Dansa KOUROUMA
President, National Transition Council
of Guinea, Guinea (2019)

Professor Muhammad Yunus
(Nobel Laureate)
Founder, Grameen Bank,
Bangladesh (2018)

His Holiness
The 14th Dalai Lama (2017)
Nobel Laureate, 2005 and
Spiritual Leader

Ms. Ashley Judd,
Hollywood Actor, Activist & Global
Goodwill Ambassador, UNFPA (2016)

His Excellency
Dr Alejandro Toledo,
Former President of Peru (2015)

Ms. Anne F. Stenhammer
Former Regional Programme Director,
UN Women, South Asia Regional Office (2014)

Date: 28th February 2024



Mr. Bill Gates, Co-chair of the Bill & Melinda Gates Foundation, and Co-Founder & former CEO of Microsoft receiving the prestigious KISS Humanitarian Award 2023 from Prof. Achyuta Samanta, Founder of KIIT, KISS & KIMS, Bhubaneswar, Odisha, India.

AWARDEES ARE FROM
5 Continents | 13 Countries
2 Nobel Laureates among the awardees

Madam Albina Du Boisrouvray
Founder, Association François-Xavier
Bagnoud (FXB International),
Switzerland (2013)

His Excellency
Lyonchhen Jigmi Y. Thinley
Hon'ble Prime Minister, The Royal
Government of Bhutan (2012)

Rt Hon. Lord Nicholas
Addison Phillips
President (Chief Justice) of
the Supreme Court of the
United Kingdom (2011)

Rt. Hon. Sir Anerood Jugnauth
Eminent Social Worker &
His Excellency the President of
Mauritius (2010)

Dr. Ham Kee-Sun
Eminent Educationist & Physician
and Hon'ble President & Founder,
Hanseo University, South Korea (2009)

Ms. Edna Bomo Molewa
Noted Social Worker & Hon'ble
Cabinet Minister, Social Development,
South Africa National Assembly,
South Africa (2008)

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

The award ceremony for the years 2020 and 2021 has not taken place due to COVID-19. The awards will be received by legendary Indian personalities soon.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଲାଭଦାୟକ ଓ୍ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ଓ୍ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ଓ୍ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ଓ୍ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ଓ୍ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ଓ୍ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ଓ୍ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ଓ୍ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# କଲେଜ୍ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

ଧର୍ମଶାଳା, (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟ ପଦାର୍ଥବିଜ୍ଞାନ ବିଭାଗ ବିଜ୍ଞାନଗାରର ପରିଚାରକ ମନୋରଂଜନ ପାଣିଗ୍ରାହୀଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । କଲେଜ୍ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ସୁରେନ୍ଦ୍ର ପଣ୍ଡା, ଅରବିନ୍ଦ ମହାନ୍ତି, ନିତ୍ୟାନନ୍ଦ ବିଶ୍ୱାଳ, ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ସ୍ୱାଗତିକା ପ୍ରିୟଦର୍ଶିନୀ, ଅଧ୍ୟାପକ ଚତୁର୍ଭୁଜ ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଧନେଶ୍ୱର ମହାନ୍ତି, କେଦାରୀ ନାୟକ, ସୁଲିପ୍ତା ଦାଶ, ଲିନା ରାୟ, ସନ୍ତୋଷ ଦାଶ, ଶରତ ରଣା, ଗୁରୁଦତ୍ତ କର, ବିଜୟ ପ୍ରଧାନ, ବିଜୁପାକ୍ଷ କର, ପୂର୍ବତନ କର୍ମଚାରୀ ଅତୁଲ୍ୟ ରଥ, ଅରୁଣ ଶିଲ୍ଡାର ଓ ରସାନନ୍ଦ ଜେନା ଯୋଗଦେଇ ବିଦାୟୀ କର୍ମଚାରୀ ଶ୍ରୀ ପାଣିଗ୍ରାହୀଙ୍କ ଗୁଣଗାନ କରିବା ସହିତ ସୁଖମୟ ଅବସର ଜୀବନ କାମନା କରିଥିଲେ । ଏହି ଅବସରରେ କଲେଜ୍ ପକ୍ଷରୁ ଶ୍ରୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଧର ବେହେରା ଧନ୍ୟବାଦ ଦେଇଥିଲେ ।

# ଧର୍ମଶାଳା ପ୍ରେସ୍ କ୍ଲବ୍ର ବାର୍ଷିକ ଉତ୍ସବ ଆଜି

ଧର୍ମଶାଳା, ପିଏନ୍): ଧର୍ମଶାଳା ପ୍ରେସ୍ କ୍ଲବ୍ର ୨୧ତମ ବାର୍ଷିକ ଉତ୍ସବ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଆଜି ଅନୁଷ୍ଠିତ ହେବ । ଏନେଇ ପ୍ରେସ୍ କ୍ଲବ୍ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଏହି ଉତ୍ସବ ଆରମ୍ଭ ହେବ । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ, କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ରନ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ନରହରି ମହାନ୍ତି ସ୍ମୃତି ସମ୍ମାନ ବରିଷ୍ଠ ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କୁ ପ୍ରଦାନ କରାଯିବ । ଏଥିସହ ସଫଳ ଉଦ୍ୟୋଗୀ ଭାବେ ସ୍ଥାନୀୟ ଅଂଚଳର ବାସନ୍ତୀ ରଣା, ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝାଙ୍କୁ ଓ ୫ ଦଶନ୍ଧି ହେଲା ଖବର କାଗଜ ବାଂଟୁଥିବା ବସନ୍ତ କୁମାର ବାରିକଙ୍କୁ ଜୀବନ ବ୍ୟାପି ସାଧନା ସମ୍ମାନରେ ସମ୍ମାନିତ କରାଯିବ । ଏଥିସହ ଧର୍ମଶାଳା ପ୍ରେସ କ୍ଲବ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ୩ ଜଣ ପ୍ରାକ୍ତନ ସଦସ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଏନେଇ ଆଜି ଧର୍ମଶାଳା ପ୍ରେସ କ୍ଲବର ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।

# ହରେକୃଷ୍ଣ ପାତ୍ରଙ୍କୁ ନ୍ୟାୟ ଦାବିରେ ସିଭିଲ ସୋସାଇଟି ଫୋରମ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



କେନ୍ଦ୍ରାପଡ଼ା (ପିଏନ୍): ସମାଜସେବୀ ହରେକୃଷ୍ଣ ପାତ୍ରଙ୍କୁ ନ୍ୟାୟ ଦେବା ସହିତ ମହାକାଳପଡା ତହସିଲଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ସିଭିଲ ସୋସାଇଟ୍ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ସ୍ଥାନୀୟ ଗୌରୀଶଙ୍କର ହୋଟେଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମହାକାଳପଡା ତହସିଲ ଅନ୍ତର୍ଗତ ବଉଳକଣୀ ପଞ୍ଚାୟତର ପ୍ରଭାକରପୁର ଗ୍ରାମର ସମାଜସେବୀ ହରେକୃଷ୍ଣ ପାତ୍ରଙ୍କ ଏକ ଜମିଜମା ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବା ସତ୍ୱେ ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ବ୍ୟକ୍ତି ମହାକାଳପଡା ତହସିଲଦାରଙ୍କ ପ୍ରରୋଚନାରେ ସଙ୍ଘବଦ୍ଧ ଭାବରେ ଶ୍ରୀ ପାତ୍ରଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିବା ସହିତ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ କାଟି ନେଇଥିବା ସମ୍ପର୍କରେ ଫୋରମର ଆବାହକ ପ୍ରତାପ ମହାନ୍ତି ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଶ୍ରୀ ପାତ୍ର ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେ କହିଥିଲେ । ସେ ଅଞ୍ଚଳର ନିର୍ଦ୍ଦିଷ୍ଟ ଶାସକ ଦଳର ନେତା ଦୁର୍ନୀତି, ଭ୍ରଷ୍ଟାଚାରରେ ଲିପ୍ତ ରହୁଥିବାରୁ ତାହାର ପ୍ରତିବାଦ କଲେ ସାମାଜିକ କର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଆକ୍ରୋଶ ରଖି ହଇରାଣ କରିବା ସହ ସେମାନଙ୍କ ମୁହଁ ବନ୍ଦ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ କରିଥିଲେ ଶ୍ରୀ ମହାନ୍ତି । ଶ୍ରୀ ପାତ୍ରଙ୍କୁ ନ୍ୟାୟ ପ୍ରଦାନ ସହିତ ମହାକାଳପଡା ତହସିଲଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସିଭିଲ ସୋସାଇଟ୍ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଶ୍ରୀ ମହାନ୍ତି କହିଥିଲେ । ଏହି ଘଟଣାର ଘୋର ନିନ୍ଦା କରାଯିବା ସହ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ହେବ ବୋଲି ଫୋରମ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦିପ କୁମାର ମିଶ୍ର, ନିରଞ୍ଜନ ପରିଡା, ଦିପକ ଚୌଧୁରୀ, ସାଗର ଜେନା ଓ କେ. ବାଲାରାଜୁ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା କଂଗ୍ରେସ ଭବନରେ ୧୩୭ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ଆନୁକୂଲ୍ୟରେ ୧୩୭ତମ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କଂଗ୍ରେସ ଭବନ ପରିସରରେ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ ପତାକା ଉତ୍ତୋଳନ କରିଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଦାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଦେଶ କଂଗ୍ରେସର ପର୍ଯ୍ୟବେକ୍ଷକ ତଥା ଜଗତସିଂହପୁର ପୌରପାଳିକାର ପୂର୍ବତନ ନଗରପାଳ ବିପ୍ଳବ ଚୌଧୁରୀ ପ୍ରମୁଖ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଏକ ସଭା କଜଳାସ୍ଥିତ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଥିଲା ।

ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଜାତୀୟ କଂଗ୍ରେସ ଗଠନ ଓ ସେଥିରେ ଭାଗନେଇ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଭାରତବର୍ଷର ଜନଗଣଙ୍କୁ ସ୍ୱାଧୀନତାର ସ୍ୱାଦ ଚାଖିବାର ଆନନ୍ଦ ବିଷୟରେ ଆଲୋକପାତ କରିଥିଲେ । ବିଭିନ୍ନ ଦୃଷ୍ଟାନ୍ତ ଓ ଛୋଟ ଗଳ୍ପ ମାଧ୍ୟମରେ ଉପସ୍ଥିତ କର୍ମୀମାନଙ୍କୁ ଭାରତବର୍ଷର ଶାସନ ଓ କଂଗ୍ରେସର କାର୍ଯ୍ୟ ପ୍ରଣାଳୀ ଉପରେ ବିଶଦ ଭାବରେ ଆଲୋକପାତ କରି ବୁଝାଇଥିଲେ । ପୂର୍ବତନ ବିଧାୟକ ଶ୍ରୀ ବେହୁରା ସ୍ୱାଧୀନତା ସଂଗ୍ରାମ ବେଳର କାର୍ଯ୍ୟଧାରା ଓ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କର ଭାରତବର୍ଷକୁ ସୁଶାସନ ଦେବା ବିଷୟରେ ବକ୍ତବ୍ୟ ରଖିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଭ୍ରାଂଶୁ ଶେଖର ଲେଙ୍କା, ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପର୍ଯ୍ୟବେକ୍ଷକ ଶ୍ରୀ ଚୌଧୁରୀ, ପୂର୍ବତନ ପୌରାଧ୍ୟକ୍ଷ ମହମ୍ମଦ ଆକବର ଅଲ୍ଲୀ, ମୁକ୍ତାର ଖାଁ, ଧରଣୀଧର ସୁଆର, ପରଭେଜ ଅକ୍ତର, ସର୍ବେଶ୍ୱର ସେଠୀ, ସନ୍ଧ୍ୟାରାଣୀ ରାଉତ, ଅମୁଲ୍ୟ ପ୍ରଧାନ, ମଳୟ ଦାସ, ବିଜୟ ପଣ୍ଡା, ଉମେଶ ତ୍ରିପାଠୀ, ଚିତ୍ରସେନ ପରିଡା, କବିନ୍ଦ୍ର ସାମଲ, କୈଳାସ କର, କୁମାର ଚନ୍ଦ୍ର ବଳ, ସଂଗ୍ରାମ ପୃଷ୍ଟି, ହରେକୃଷ୍ଣ ନାୟକ, ଗୋପାଳକୃଷ୍ଣ ଜେନା, ନାରାୟଣ ପରିଡା, ରତିକାନ୍ତ ସାମଲ, ବୁଦ୍ଧୁ ପ୍ରସାଦ ଷଡଙ୍ଗି, ସଂଗ୍ରାମ କେଶରୀ ଜେନା, ଅଜିତ ମହାପାତ୍ର, ହାପି ବେହୁରା, ଅଜିତ ମହାନ୍ତି, ନିରଞ୍ଜନ ରାଉତ, ଜୟଦେବ ପରିଡା, ମୀର ମୁର୍ଶିଦ, କମଳାକାନ୍ତ ବେହେରା, ଜ୍ୟୋତିରଞ୍ଜନ ପରିଡା, ସମ୍ବିତ ଶ୍ରୀଚନ୍ଦନ, ଉମାଶଙ୍କର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ସମ୍ପାଦକ ଆଲୋକ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୈଷ୍ଣୋ ଦେବୀ ମନ୍ଦିରର ଇତିହାସ ଓ ପୌରାଣିକ କଥା

ମା' ବୈଷ୍ଣୋ ଦେବୀଙ୍କ ବିଶ୍ୱପ୍ରସିଦ୍ଧ ଓ ପ୍ରାଚୀନ ମନ୍ଦିର ଆମ ଦେଶର ଜାମ୍ମୁ ଓ କାଶ୍ମୀର ରାଜ୍ୟର କଟରା ନଗର ନିକଟସ୍ଥ ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ । ଏହି ପାହାଡ଼ ଗୁଡ଼ିକୁ ତ୍ରିକୁଟା ପାହାଡ଼ କୁହାଯାଏ । ଏହି ସ୍ଥାନରୁ ପ୍ରାୟ ୫ହଜାର ୨ଶହ ଫୁଟ ଉଚ୍ଚରେ ମାତା ରାଣୀଙ୍କ ମନ୍ଦିର ଅବସ୍ଥିତ । ଏହା ଭାରତରେ ତିରୁମଲ୍ଲା ଭେଙ୍କଟେଶ୍ୱର ମନ୍ଦିର ପରେ ଦ୍ୱିତୀୟ ସର୍ବାଧିକ ଦର୍ଶନ କରା ଯାଉଥିବା ଧାର୍ମିକ ତୀର୍ଥ ସ୍ଥଳ । ତ୍ରିକୁଟା ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ ଏକ ଗୁମ୍ଫାରେ ମାତା ବୈଷ୍ଣୋ ଦେବୀଙ୍କ ସ୍ୱଂୟ ତିନି ମୂର୍ତି ପୂଜା ପାଉଛନ୍ତି । ଦେବୀ କାଳୀ (ଡ଼ାହାଣ), ଦେବୀ ସରସ୍ୱତୀ(ବାମ) ଓ ଦେବୀ ଲକ୍ଷ୍ମୀ(ମଧ୍ୟ) ପିଣ୍ଡି ଭାବରେ ବିରାଜିତା । ଏହି ତିନି ପିଣ୍ଡି ମାନଙ୍କର ସମ୍ମିଳିତ ରୂପକୁ ବୈଷ୍ଣୋ ଦେବୀ ମାତା କୁହାଯାଏ । ଏହି ସ୍ଥାନକୁ ମାତାଙ୍କ ଭବନ କୁହାଯାଏ । ଏହି ପବିତ୍ର ଗୁମ୍ଫାର ଲମ୍ୱ ୯୮ଫୁଟ । ଏହି ଗୁମ୍ଫାରେ ଏକ ବଡ଼ ଉଚ୍ଚ ପିଣ୍ଡା ରହିଛି । ଏହି ପିଣ୍ଡା ଉପରେ ମାତାଙ୍କ ଆସନ ରହିଛି, ଯେଉଁଠି ଦେବୀ ତ୍ରିକୁଟା ନିଜ



ମାତାଙ୍କ ସହିତ ବିରାଜମାନ ଅଛନ୍ତି । ମାତାଙ୍କ ଭବନ କହିଲେ, ଯେଉଁଠି ମାତା ଭୈରବ ନାଥଙ୍କର ବଦ୍ଧ କରିଥିଲେ । ପୁରାତନ ଗୁମ୍ଫା ପାଖରେ ଭୈରବଙ୍କର ଶରୀର ରହିଛି ଓ ତାଙ୍କର ମୁଣ୍ଡ ଉଡ଼ି ଉଡ଼ି ତିନି କିଲୋମିଟର ଦୂର ଭୈରୋ ଘାଟୀରେ ପଡ଼ିଥିଲା ଏବଂ ଶରୀର ଏଠାରେ ରହିଗଲା । ଯେଉଁ ସ୍ଥାନରେ ମୁଣ୍ଡ ପଡ଼ିଲା, ଆଜି ସେହି ସ୍ଥାନ "ଭୈରୋନାଥ ମନ୍ଦିର" ନାମରେ ଜଣାଶୁଣା । କଟରା ଠାରୁ ହିଁ ବୈଷ୍ଣୋ ଦେବୀଙ୍କ ପାଦ ବନ୍ଦନା ଆରମ୍ଭ ହୋଇ ଭବନ ପର୍ଯ୍ୟନ୍ତ ପ୍ରାୟ ୧୩ କିଲୋମିଟର ଓ ଭୈରୋ ମନ୍ଦିର ପର୍ଯ୍ୟନ୍ତ ୧୪.୫ କିଲୋମିଟର ପର୍ଯ୍ୟନ୍ତ ଶେଷ ହୋଇଥାଏ ।

**ମନ୍ଦିରର ପୌରାଣିକ କାହାଣୀ:** ମନ୍ଦିର ସଂପର୍କରେ ଅନେକ ପ୍ରକାରର କଥା ପ୍ରଚଳିତ ରହିଛି । ଥରେ ତ୍ରିକୁଟ ପାହାଡ଼ ଉପରେ ଏକ ସୁନ୍ଦରୀ କନ୍ୟାକୁ ଦେଖି ଭୈରବନାଥ ତାକୁ ଧରିବା ପାଇଁ ଅଗ୍ରସର ହେଲେ । ହଠାତ୍ ସେହି କନ୍ୟା ବାୟୁ ରୂପରେ ପରିବର୍ତ୍ତିତ ହୋଇ ତ୍ରିକୁଟା ପର୍ବତ ଆଡ଼କୁ ଉଡ଼ି ଚାଲିଲେ । ଭୈରବନାଥ ମଧ୍ୟ ତାଙ୍କ ପଛରେ ଦୌଡ଼ିଲେ । କୁହାଯାଏ ଯେ, ସେତେବେଳେ ମାତାଙ୍କୁ ରକ୍ଷାକରିବା ପାଇଁ ସେଠାରେ ପବନ ପୁତ୍ର ହନୁମାନ ପହଞ୍ଚିଗଲେ । ସେତିକିବେଳେ ହନୁମାନଙ୍କୁ ଶୋଷ ଲାଗିବାରୁ ମାତା ତାଙ୍କ ପାଇଁ ଧନୁରେ ପାହାଡ଼ ଉପରକୁ ବାଣ ଚଳାଇ ଏକ ଜଳାଧାର ସୃଷ୍ଟି କଲେ ଓ ସେହି ଜଳରେ ନିଜର କେଶ ମଧ୍ୟ ଧୋଇଲେ । ତା'ପରେ ସେଠାରେ ଏକ ଗୁମ୍ଫାରେ ପ୍ରବେଶ କରି ମାତା ନଅ ମାସ ପର୍ଯ୍ୟନ୍ତ ତପସ୍ୟା କଲେ । ହନୁମାନ ତାଙ୍କୁ ଜଗି ରହିଲେ ।

ପୁଣି ଭୈରୋନାଥ ସେଠାରେ ପହଂଚି ଉତ୍ପାତ ଆରମ୍ଭ କଲେ । ଏହି ସମୟରେ ଜଣେ ସାଧୁ ଭୈରୋନାଥଙ୍କୁ କହିଲେ, "ତୁ ଯାହାକୁ ଏକ କନ୍ୟା ଭାବୁଛୁ, ସେ ଆଦିଶକ୍ତି ଜଗଦମ୍ବା । ଏଣୁ ସେହି ମହାଶକ୍ତିଙ୍କ ପିଛା ଛାଡ଼ିଦେ !" ମାତ୍ର ଭୈରୋନାଥ ସାଧୁଙ୍କ କଥା ମାନିଲେ ନାହିଁ । ତେବେ ମାତା ଗୁମ୍ଫାର ଅନ୍ୟ ଏକ ରାସ୍ତାରେ ବାହାରି ଗଲେ । ଏହି ଗୁମ୍ଫା ଆଜି ମଧ୍ୟ ଅର୍ଦ୍ଧ କୁମାରୀ ବା ଆଦି କୁମାରୀ ନାମରେ ପ୍ରସିଦ୍ଧ । ଅର୍ଦ୍ଧ କୁମାରୀ ପୂର୍ବରୁ ମାତାଙ୍କ ଚରଣ ପାଦୁକା ମଧ୍ୟ ଏଠାରେ ରହିଛି, ମାତା ଦୌଡ଼ି ଦୌଡ଼ି ମୁହଁ ବୁଲେଇ ଭୈରବନାଥକୁ ଦେଖିଥିଲେ । ଶେଷରେ ଗୁମ୍ଫାରୁ ବାହାରି କନ୍ୟା ଦେବୀଙ୍କ ରୂପ ଧାରଣ କଲେ ଓ ଭୈରବନାଥ ଫେରି ଯିବାର ସଙ୍କେତ ପାଇ ପୁଣି ଗୁମ୍ଫାକୁ ଚାଲିଗଲେ । କିନ୍ତୁ ଭୈରବନାଥ କିଛି ସମୟ ପରେ ପୁଣି ଗୁମ୍ଫାରେ ପ୍ରବେଶ କରିବାକୁ ଲାଗିଲା । ଏହା ଦେଖି ମାତାଙ୍କ ଗୁମ୍ଫା ଜଗିଥିବା ହନୁମାନ ଭୈରବନାଥ ସହ ଯୁଦ୍ଧ କରିବାକୁ ଆହ୍ୱାନ ଦେଲେ ଓ ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା । ଯୁଦ୍ଧର ଶେଷ ନହେବା ଦେଖି ମାତା ବୈଷ୍ଣୋ ଦେବୀ ମହାକାଳୀ ରୂପ ଧାରଣ କରି ଭୈରବନାଥକୁ



ବଧ କରିଦେଲେ ।

ତେବେ କୁହାଯାଏ ଯେ, ଭୈରବନାଥ ନିଜ ମୃତ୍ୟୁ ପରେ ନିଜ ଭୁଲର ଅନୁଭବ କଲେ ଓ ସେ ମାତାଙ୍କ ଠାରୁ କ୍ଷମା ଭିକ୍ଷା କଲେ । ମାତା ବୈଷ୍ଣୋ ଦେବୀ ଜାଣିଥିଲେ ଯେ, ତାଙ୍କ ଉପରେ ଆକ୍ରମଣ କରିବା ପଛରେ ଭୈରବଙ୍କର ପ୍ରମୁଖ ଅଭିପ୍ରାୟ ଥିଲା ମୋକ୍ଷ ପ୍ରାପ୍ତି । ସେ ଭୈରବଙ୍କୁ କେବଳ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ପ୍ରଦାନ ନୁହେଁ, ବରଂ ତାକୁ ବରଦାନ ଦେଇ କହିଲେ, "ମୋର ଦର୍ଶନ ସେପର୍ଯ୍ୟନ୍ତ ସଫଳ ହେବନି, ଯେପର୍ଯ୍ୟନ୍ତ କୌଣସି ଭକ୍ତ ମୋ ପରେ ତୁମର ଦର୍ଶନ କରିବେ ନାହିଁ !"

**ମନ୍ଦିରର କଥା:** ଉପରୋକ୍ତ କଥାକୁ ବୈଷ୍ଣୋ ଦେବୀଙ୍କ ଭକ୍ତ ଶ୍ରୀଧର ସଂପର୍କରେ ଦେଖା ଯାଇପାରେ । ସାତ ଶହରୁ ଅଧିକ ବର୍ଷ ତଳେ କଟରାରୁ କିଛି ଦୂରରେ ଅବସ୍ଥିତ ହଂସାଳୀ ଗାଁରେ ମା'ବୈଷ୍ଣୋ ଦେବୀଙ୍କ ପରମ ଭକ୍ତ ଶ୍ରୀଧର ରହୁଥିଲେ । ସେ ନିଃସନ୍ତାନ ଓ ଦରିଦ୍ର ଥିଲେ । ସେ ପ୍ରାୟ ଭାବୁଥିଲେ, ଦିନେ ସେ ମାତାଙ୍କ ପୂଜା ରଖିବ । କିଛି ଦିନ ପରେ ଶ୍ରୀଧର ଆଖପାଖର ସବୁ ଗାଁ ଲୋକଙ୍କୁ ପ୍ରସାଦ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ । ପୂଜା ଦିନ ଶ୍ରୀଧର ଘର ଘର ବୁଲିଲେ, ଯେପରି କିଛି ଭୋଜନ ସାମଗ୍ରୀ ମିଳିବ ଓ ସେଥିରେ ଭକ୍ତ ମାନଙ୍କୁ ସେ ପ୍ରସାଦ ଖୁଆଇ ପାରିବେ । ଯେତିକି ଲୋକେ ତାଙ୍କୁ ସାହାଯ୍ୟ ଦେଲେ, ତାହା ଠାରୁ ବହୁ ଅଧିକ ଭକ୍ତ ଥିଲେ ।



ସେ ଭାବୁଥିଲେ ଯେ, ଏତେ କମ୍ ସାମଗ୍ରୀରେ ସମସ୍ତଙ୍କ ପାଇଁ ଭୋଜନ କିପରି ହେବ । ପୂଜା ପୂର୍ବ ଦିନ ଏକଥା ଭାବି ଶ୍ରୀଧର ଟିକେ ବି ଶୋଇ ପାରିଲେ ନାହିଁ । ତଥାପି ମାତାଙ୍କ ଉପରେ ତାଙ୍କର ବିଶ୍ୱାସ ଥିଲା । ସେ ତାଙ୍କର ଝୁମ୍ପୁଡ଼ି ବାହାରେ ପୂଜାରେ ବସିଲେ । ମଧ୍ୟାହ୍ନ ପର୍ଯ୍ୟନ୍ତ ଅତିଥି ମାନେ ପହଂଚିଗଲେ । ଆଶ୍ଚର୍ଯ୍ୟର କଥା ଯେ ସେହି ଛୋଟିଆ ଝୁମ୍ପୁଡ଼ିରେ ଅତିଥି ମାନେ ସହଜରେ ବସି ପାରିଲେ ।

ଶ୍ରୀଧର ନିଜର ଆଖି ଖୋଲିଲେ ଓ ଭାବିଲେ, 'ଏ ସମସ୍ତଙ୍କୁ ସନ୍ତୁଷ୍ଟ କିପରି କରିବି !...'ଏତିକିବେଳେ ଗୋଟିଏ ଛୋଟ ଝିଅ ଝୁମ୍ପୁଡ଼ି ଭିତରୁ ବାହାରି ଆସିବା ଦେଖାଗଲା । ସେ ଭଗବାନଙ୍କ କୃପାରୁ ହିଁ ଆସିଥିଲା । ସେ ନିଜେ ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନ ପରସିଲା । ସବୁକିଛି ସୁରୁଖୁରୁରେ ସଂପନ୍ନ ହେଲା । ଏବେ ଶ୍ରୀଧର ସେହି ଛୋଟ ଝିଅଟି ସଂପର୍କରେ ଜାଣିବାକୁ ଚାହିଁଲେ ମଧ୍ୟ ସେ ଆଉ କେଉଁଠି ଦେଖାଗଲା ନାହିଁ ।

ଏହାର ଅନେକ ଦିନ ପରେ ସେହି ଛୋଟ ଝିଅ ସଂପର୍କରେ ଶ୍ରୀଧର ସ୍ୱପ୍ନରେ ଜାଣିଲେ ଯେ, ସେହି ଝିଅଟି ସ୍ୱଂୟ ବୈଷ୍ଣୋ ଦେବୀ ଥିଲେ । ମାତାଙ୍କ ରୂପରେ ଆସିଥିବା କନ୍ୟା ତାଙ୍କୁ ଗୁମ୍ଫା ସଂପର୍କରେ କହିଲେ ଓ ୪ ପୁତ୍ରଙ୍କ ବରଦାନ ସହିତ ଆଶୀର୍ବାଦ ଦେଲେ । ଶ୍ରୀଧର ପୁଣି ଥରେ ଖୁସି ହୋଇଗଲେ ଓ ଗୁମ୍ଫାର ଅନୁସନ୍ଧାନରେ ବାହାରି ପଡ଼ିଲେ । ଏହାର କିଛି ଦିନ ପରେ ତାଙ୍କୁ ସେହି ଗୁମ୍ଫା ମିଳିଗଲା । ସେବେ ଠାରୁ ସେଠାରେ ମାତାଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଯିବାରେ ଲାଗିଲେ ।



# କୋର ପଞ୍ଚାୟତରେ ଫସଲହାନୀର ପୁନଃତଦନ୍ତ ଦାବି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଞ୍ଚାୟତର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ ଯେ ଗତ ଲଘୁଚାପ ବର୍ଷା ଯୋଗୁଁ ତାଙ୍କ ପଞ୍ଚାୟତର ଶତକଡା ୮୦ ଭାଗ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି । ପାଚିଲା ଧାନ କ୍ଷେତ ପାଣିରେ ବୁଡିରହି ପଚିଷଢି ଯାଇଛି । ଯାହା ଅମଳ କରିବା ସମ୍ଭବ ନୁହେଁ । ସେହି ପଞ୍ଚାୟତର ଲୋକମାନେ କୃଷିଜୀବି ହୋଇଥିବାରୁ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଉତ୍ପାଦିତ ଫସଲରୁ ଗୁଜୁରାଣ ମେଣ୍ଟାଇବା ସହିତ ପିଲାଙ୍କ ପାଠପଢା, ଝିଅ ବିବାହ ଏବଂ ସ୍ୱାସ୍ଥ୍ୟ ସେବାରେ ଅର୍ଥ ବିନିଯୋଗ କରିଥାନ୍ତି । ଏହି ପଞ୍ଚାୟତର ୮୦ ଭାଗ ଫସଲ ନଷ୍ଟ ହୋଇଯାଇଥିଲେ ସୁଦ୍ଧା ତଦନ୍ତକାରୀ ଅଧିକାରୀ ଚାଷ କ୍ଷେତକୁ ନଯାଇ ସରଜମିନ ତଦନ୍ତ ନକରି ରାସ୍ତା ଉପରୁ ଫସଲ କିଆରୀକୁ ଦେଖିବା ସହ କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରାପଡା ତହସିଲରେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି । ତେଣୁ ତାଙ୍କ ପଞ୍ଚାୟତର ଫସଲ କ୍ଷୟକ୍ଷତିର ଆକଳନ ପାଇଁ ଦାୟିତ୍ୱପୂର୍ଣ୍ଣ ଅଧିକାରୀଙ୍କୁ ଫସଲ କ୍ଷୟକ୍ଷତିର ପୁନଃତଦନ୍ତ ପାଇଁ ପଠାଇବାକୁ ସେମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମହେଶ୍ୱର ନାୟକ, ଦୁଷ୍ମନ୍ତ କୁମାର ପରିଡା, ଜୟପ୍ରକାଶ ବରାଳ, ସୁଧାକର ବରାଳ, ପୁରୁଷୋତ୍ତମ ନାୟକ, ମଧୁସୁଦନ ଦାସ, ରଞ୍ଜନ କୁମାର ନାୟକ, ପ୍ରଭାତ କୁମାର ମହାନ୍ତି, ରତ୍ନାକର ସ୍ୱାଇଁ, ଭୀମସେନ ସ୍ୱାଇଁ ପ୍ରମୁଖ ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

# ଧର୍ମଶାଳା ବ୍ଲକରେ ୬୧୦ ପରିବାରକୁ ସ୍ମାର୍ଟ ହେଲଥ କାର୍ଡ ବଂଟନ

ଧର୍ମଶାଳା (ପିଏନ୍): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଶୁଭାରମ୍ଭ ହୋଇଛି ସ୍ମାର୍ଟ କାର୍ଡ ବଂଟନ ପ୍ରକ୍ରିୟା । ଧର୍ମଶାଳା ବ୍ଲକର ୪ଟି ପଂଚାୟତରେ ବ୍ଲକ ଅଧ୍ୟକ୍ଷ ଯୋଗଦେଇ ୬୧୦ ପରିବାରକୁ ସ୍ମାର୍ଟ କାର୍ଡ ବଂଟନ କରିଛନ୍ତି । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ପୁରୁଣାବଉଳମାଳ, ମହିଶରା, କମାଗଡ ଓ ମଧୁପୁରଗଡ ପଂଚାୟତରେ ହିତାଧିକାରୀଙ୍କୁ ୫୬୧୦ ସ୍ମାର୍ଟ କାର୍ଡ ମଧ୍ୟରୁ ୬୧୦ଜଣଙ୍କୁ ବଂଟନ କରିଥିଲେ । ଏହି ପଂଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ଏବିଡିଓ ଅଶିତ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ସୁରେଖା ନାୟକ ଯୋଗ ଦେଇଥିଲେ । ସଂପୃକ୍ତ ପଂଚାୟତର ସରପଂଚ ସମିତି ସଭ୍ୟ ଓ ଡିଲରମାନେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିଥିଲେ । ପରେ ବ୍ଲକର ଆରୁହା, ହରିଦାସପୁର, କ୍ଷେତ୍ରପାଳ, କଂଟିଗଡିଆ, ନେଉଳପୁର ଓ ସୁନ୍ଦୁରିଆ ପଂଚାୟତରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ସ୍ମାର୍ଟ କାର୍ଡ ବଂଟନ କରିଛନ୍ତି । ସେହିପରି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ପଟୁଣିଆ, ଅରେଇକଣା, କଦମପାଳ, କୋଟପୁର, ଅରାବଳ, ମଙ୍ଗଳପୁର ପଂଚାୟତରେ ସ୍ମାର୍ଟ କାର୍ଡ ବଂଟନ କରିଥିବା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି ।

# ଧର୍ମଶାଳା ବାଣୀପୀଠରେ ପ୍ରତିଷ୍ଠା ଦିବସ ଅନୁଷ୍ଠିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠର ୭୪ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଡ. ଜୟନ୍ତ କୁମାର ବିଶ୍ୱାଳ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ଶିକ୍ଷାନୁଷ୍ଠାନ ସହିତ ଶିକ୍ଷାର ମାନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଂଜନ ମହାନ୍ତି ଯୋଗଦେଇ ବାଣୀପୀଠର ଇତିହାସ ସଂପର୍କରେ ଆଲୋକପାତ କରିବା ସହିତ ଶିକ୍ଷାନୁଷ୍ଠାନରେ ନୂତନ ଓ ପୁରାତନ ଏକ ବୋଲି ଅଭିହିତ କରିଥିଲେ । ଏହି ଅବସରରେ ପୁରାତନ ଶିକ୍ଷକ ନିତ୍ୟାନନ୍ଦ ସାହୁ, ପ୍ରଭାତ କୁମାର ପଟ୍ଟନାୟକ, ମନୋଜ କୁମାର ମହାନ୍ତି ଓ ସତ୍ୟପ୍ରିୟା ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ପୁରାତନ ଛାତ୍ର ଜିତେନ୍ଦ୍ର କୁମାର କର, ଅବଧୂତ ରାଉତ, ଧ୍ରୁବ ଚରଣ ବିଶ୍ୱାଳ, ଧୋଇଧର ସାହୁ ଓ ଜଗବଂଧୁ ସାମଲଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀ ଚନ୍ଦ୍ରମଣି ଦାସ, ବଟକୃଷ୍ଣ ମହାରଣା, ଆନନ୍ଦ ରାଉତ, ବଟକୃଷ୍ଣ ମଲିକ, ଗୁରୁଚରଣ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା । ଚଳିତବର୍ଷ ମାଟ୍ରିକ ପରୀକ୍ଷା ସର୍ବାଧିକ ନମ୍ବର ରଖିଥିବା ଛାତ୍ର ସ୍ମୃତିରେଖା ଖଟୁଆଙ୍କୁ ବଟକୃଷ୍ଣ ମେମୋରିଆଲ ଓ ଛାତ୍ର ବିକାଶ କୁମାର ମାହାଳିକଙ୍କୁ ପଣ୍ଡିତ ମଧୁସୂଦନ ମହାପାତ୍ରଙ୍କ ମେମୋରିଆଲ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସଂପାଦକ ଅଧ୍ୟାପକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସଂସଦର ଉପସଭାପତି ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ବାସୁଦେବ ଶତପଥୀ ମଙ୍ଗଳାଚରଣ ପାଠ କରିଥିବା ବେଳେ ଅମରେଶ ଦାଶ ଓ ଶୁଭଦାନନ୍ଦ ଦାଶ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଜଳଧର ସାହୁ, ନିଳମଣୀ ନାୟକ, ଆଦିକନ୍ଦ ସ୍ୱାଇଁ, ଅର୍ଜୁନ ପୃଷ୍ଟି, ବିବେକାନନ୍ଦ ନାୟକ, ସୁନାକର ସାହୁ, ଧରଣୀଧର ଦାଶ, ସନ୍ତୋଷ କୁମାର ତରାଇ, ବିକ୍ରମ କେଶରୀ ମହାନ୍ତି, ମହମ୍ମଦ ରିଆଜୁଲ ହକ୍, ମହମ୍ମଦ ଅଜିଜୁଲା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସହ ସଂପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।




# ରକ୍ତ ଦାନ ପାଇଁ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଜେନାପୁର,(ପି.ଏନ୍): ଆସନ୍ତା ୩ ମାର୍ଚ୍ଚ ୨୦୨୪ରେ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ପ୍ରଚେଷ୍ଟାରେ କେନ୍ଦ୍ରୀୟ ରେଡ଼କ୍ରସ, କଟକ ଦ୍ୱାରା ବୃନ୍ଦାଦେଇପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ରକ୍ତଦାନ ଉତ୍ସବରେ ଆୟୋଜିତ ହେବା ପାଇଁ ଯାଉଅଛି। ଏହି ଅବସରରେ ଆଜି ଅନୁଷ୍ଠାନ ପକ୍ଷରୁ ଜେନାପୁର ଡିଗ୍ରୀ ମହାବିଦ୍ୟାଳୟ ଓ ବଳରାମପୁର ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଯୋଗଦେଇ ରକ୍ତଦାନ କରିବାକୁ ଆହ୍ୱାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ସଭାପତି ଡ଼. ଜୟଦେବ ଶତପଥୀ, ଉପସଭାପତି ନିର୍ମାଲ୍ୟ ପ୍ରଧାନ, ସଦସ୍ୟ ତୀର୍ଥବାସୀ ଦଳାଇ, ରୁଦ୍ର ନାରାୟଣ ଓଝା, ତନପ୍ରିତ ମହାନ୍ତି, ପ୍ରମୋଦ ଦଳାଇ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନର ଉପାଦେୟତା ଓ ଏହା ଦ୍ୱାରା କିଭଳି ସାମାଜିକ ଅବଦାନ ରଖିହେବ ସେ ବିଷୟରେ ବୁଝାଇ କହିଥିଲେ।



# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତାଂଶ, ହେଭି ଯନ୍ତାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ଼୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚରର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହାରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱାର୍କ ଓ ଆବଠକ୍ଷ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ୱାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱାର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।




# ‘ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର...’

ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - ‘ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।’ ଯାହାଙ୍କଠାରୁ ଆମେ ଜନ୍ମ ନେଇଛନ୍ତି, ଯିଏ ଆମର ସୃଷ୍ଟିକର୍ତ୍ତା, ଯାହାଙ୍କ ଆଶୀର୍ବାଦରୁ ଆମେ ଏଡ଼ିକିଟିଏରୁ ଏଡ୍ଡୁଟିଏ ହେଇଛୁ, ଯିଏ ଆମ ପାଇଁ ପ୍ରତ୍ୟକ୍ଷ ଦେବତା; ସିଏ ହେଉଛନ୍ତି ଆମର ପିତାମାତା। ଏଣୁ - ‘ପିତା ନାହିଁ ଯାହାର ସାହା ନାହିଁ ତାର, ପିତା ମାତା ସବୁ କିଛି ପିତାମାତା ପାଦ ଯେ ଜନ ସେବିଛି, ସେହୁଟି ସର୍ବ ଲଭିଛି।’ ବାସ୍ତବରେ ପିତାମାତା ହେଉଛନ୍ତି ଆମର ପ୍ରତ୍ୟକ୍ଷ ଦେବତା। ତାଙ୍କର ବାର୍ଦ୍ଧକ୍ୟ ସମୟରେ ତାଙ୍କୁ ହତାଦର କରିବା ବା ଅବମାନନା କରିବା ଅନୁଚିତ। କେବଳ ଯେ ପିତାମାତା ତାହା ନୁହଁନ୍ତି; ସମସ୍ତ ବୟସ୍କ ଆମର ଅଗ୍ରପୂଜ୍ୟ। ସେମାନଙ୍କୁ କୁହାଯାଏ ଶ୍ରେଷ୍ଠ ମାନବ। ‘ମା’ ଅର୍ଥ ସୃଷ୍ଟି, ‘ନବ’ ଅର୍ଥ ନୂଆ। ଯାହାଙ୍କ ଠାରୁ ଆମେ ନୂଆ ପ୍ରେରଣା ପାଇଥାଉ। ତେଣୁ ସେ ହେଉଛନ୍ତି ଆମର ସବୁକିଛି। ଆଜିର ଭୋଗସର୍ବସ୍ୱ ସମୟର ମୁହୂର୍ତ୍ତରେ ଆମ୍ଭେମାନେ ପ୍ରାୟତଃ ନିଜ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପଛେଇ ଦେଉଛେ ନିଜ ପିତାମାତାଙ୍କ ସେବାଯତ୍ନକୁ। ଯେଉଁମାନଙ୍କ ଇଚ୍ଛା ଓ ସଂକଳ୍ପର ଫଳସ୍ୱରୂପ ଆମ୍ଭେମାନେ ଆଜି ଏ ଦୁନିଆର ଆଲୋକ ଦେଖିବାକୁ ସମର୍ଥ ହୋଇଛୁ, ଏ ସୁନ୍ଦର ଶରୀର ପାଇଛୁ ଆଉ ପ୍ରତିଟି ମୁହୂର୍ତ୍ତରେ ମାନବୀୟ ମୂଲ୍ୟବୋଧକୁ ଅନୁଭବ କରିଛୁ, କିନ୍ତୁ ସେହିମାନଙ୍କ ଅତୁଳନୀୟ ଓ ଅକଳ୍ପନୀୟ ପ୍ରତିଦାନକୁ ଆମେ ପ୍ରତି ମୁହୂର୍ତ୍ତରେ ଭୁଲିଯାଉଛେ ସତେଯେପରି। ନିକଟରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର କାଗଜର ତଥ୍ୟ ଅନୁଯାୟୀ କେବଳ ଭାରତରେ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିତାମାତାଙ୍କ ପ୍ରତି ନିର୍ଯାତନା ଦେଉଥିବାର ହତଭାଗା ପୁଅ ମାନଙ୍କର କୁକୀର୍ତ୍ତିର ଖବର ପୃଷ୍ଠା ମଣ୍ଡନ କରୁଛି ଯାହାକି ନିଶ୍ଚିନ୍ତ ଭାବରେ ଆମମାନଙ୍କ ମାନବିକତାକୁ ଏକ ଧିକ୍କାର୍। ଏହା ସତ୍ତ୍ୱେ ଆମ୍ଭମାନଙ୍କ ପରି ନିଜକୁ ବ୍ରହ୍ମଜ୍ଞାନୀ ବିଚାର କରୁଥିବା ବୁଦ୍ଧିମାନ ବ୍ୟକ୍ତିମାନେ ଯେ କିପରି ନିଜ ସୁଖ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆମର ଜୀବନ୍ତ ଈଶ୍ୱରମାନଙ୍କୁ ହତାଦାର କରୁଛେ ତାହା ଆମ ସମାଜର ଆଇନାରେ ସୁସ୍ପଷ୍ଟ।

ଭାରତର ଶାସ୍ତ୍ର ଓ ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଯେଉଁ ପିଲାମାନେ ନିଜ ବାପାମାଆଙ୍କ ସେବା କରିଥାନ୍ତି ସେମାନେ ସ୍ୱର୍ଗସୁଖର ପୁଣ୍ୟ ପାଇଥାନ୍ତି। କିନ୍ତୁ ଆମ୍ଭେମାନେ ତାକୁ ହେୟଜ୍ଞାନ କରୁଛୁ। ଭାରତରେ ପିତାମାନଙ୍କ ଭରଣପୋଷଣ ହେଉ ବା ସେମାନଙ୍କୁ କୌଣସି ଯନ୍ତ୍ରଣା ବା କଷ୍ଟ ନ ଦେବା ପାଇଁ ବିଭିନ୍ନ ଆଇନରେ ନିର୍ଦ୍ଦେଶନାମା ସ୍ପଷ୍ଟ ଉଲ୍ଲେଖ ରହିଛି। ତାହାସତ୍ତ୍ୱେ ଅଧିକାଂଶ କ୍ଷେତ୍ରରେ ନିର୍ଯାତିତ ହେଉଥିବା ପିତାମାତା-ମାନେ ନିଜ ପିଲାମାନଙ୍କର ଏପରି କ୍ରୁର ବ୍ୟବହାର ଓ ନିର୍ଯାତନା ପାଇ ମଧ ସେମାନଙ୍କ ଭଲ କାମନା କରି କୌଣସି ଅଭିଯୋଗ କରିବାକୁ ଆଗେଇ ଆସିନଥାନ୍ତି। ଏଠାରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଉଦାହରଣଟିଏ ଦେଉଛୁ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳ ଗାଡ଼କଣରେ ବାସନ୍ତୀ ଆଚାର୍ଯ୍ୟ ରୁହନ୍ତି। ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ ଓ ସାବତ ପୁଅ ସତ୍ୟଜିତ ଓ ବୋହୂ ରୀତା ଆଚାର୍ଯ୍ୟ, ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଅକ୍ତିଆର କଲେ। ଇଏ ହେଉଛନ୍ତି ସେହି ସତ୍ୟଜିତ ଯାହାଙ୍କୁ ମଣିଷ କରି ଗଢ଼ି ତୋଳିବା ପାଇଁ ବାସନ୍ତୀ ଦେବୀ ନିଜ ଜୀବନର ମୂଲ୍ୟବାନ ସମୟ ଉତ୍ସର୍ଗ କରିଛନ୍ତି। ଦୁର୍ଭାଗ୍ୟର କଥା ସତ୍ୟଜିତ ଓ ରୀତା ଆଚାର୍ଯ୍ୟ ତାଙ୍କୁ ମାଡ଼ ମାରିବା ସହ ପିଠିରେ ବିଷାକ୍ତ ଛୁଞ୍ଚି ଫୋଡ଼ିଛନ୍ତି। ତେଣୁ ଏଇଠି ଜଣେ ଅନୁଭବ କରନ୍ତୁ ପ୍ରକୃତରେ ମଣିଷ ସନ୍ତାନସନ୍ତତି କାହିଁକି ଜନ୍ମ କରିଥାନ୍ତି ? କ’ଣ ପରିଣତ ବୟସରେ ଆହୁରି ଲୁହ ଓ ଲହୁ ପିଇବା ପାଇଁ ?

ଆମ୍ଭେମାନେ ଭୁଲି ଯାଉଛେ ଯେ, ଆମେ ଆମ ପରିବାର ଓ ସମାଜ ପାଇଁ ବୋଝ ଭାବୁଥିବା ଆମ ପିତାମାତାଙ୍କ ପ୍ରତି ଆମେ ଯେଉଁପରି ବ୍ୟବହାର ଦେଖାଉଛେ ଠିକ୍ ସେହିପରି ବ୍ୟବହାର ଯେତେବେଳେ ଆମ୍ଭେମାନେ ପରିଣତ ବୟସରେ ଆମ ପିଲାମାନଙ୍କଠାରୁ ପାଇବା ତାହା ଆମ ମାନଙ୍କ ପାଇଁ କିପରି ସହିବାର ଶକ୍ତି ରଖିବ ? କେତେକ କ୍ଷେତ୍ରରେ ଦେଖାଯାଇଥାଏ ଯେ, ସମାଜରେ ବୟସ୍କ ନାଗରିକ ମାନଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର ସୁବିଧା, ସୁଯୋଗ ଓ ସହାୟତାର ବ୍ୟବସ୍ଥା ଥିଲେ ମଧ ଏହା କିଛି କ୍ଷେତ୍ରରେ କାଗଜ କଲମରେ ବନ୍ଧା ଆଇନ ପରି ଲାଗୁଛି ଆଉ କେତେକ କ୍ଷେତ୍ରରେ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହି ଆଇନର କୌଣସି ମୂଲ୍ୟ ରହୁନାହିଁ। ଆପଣମାନେ ଅଧିକାଂଶ କ୍ଷେତ୍ରରେ ଦେଖିଥିବେ ଯାତ୍ରା କରୁଥିବା କୌଣସି ବସ୍‌ରେ ବୟସ୍କ ନାଗରିକଙ୍କ ପାଇଁ ସଂରକ୍ଷଣ ଥିବା ସିଟ୍‌ରେ ଯୁବକମାନେ ବସିଥିବେ କିନ୍ତୁ ନିଜ ଭାଗ୍ୟକୁ ଆଦରି ବରଂ ନୀରବ ରହି ଛିଡ଼ା ହୋଇ କଷ୍ଟର ସହିତ ଯାତ୍ରା କରୁଥିବେ ସେହି ବସ୍‌ରେ ପରିଣତ ବୟସର ନାଗରିକମାନେ। ଏ କ୍ଷେତ୍ରରେ ବିବେକର ଆହ୍ୱାନ କ’ଣ ଆମ୍ଭେମାନେ ସମସ୍ତଙ୍କୁ କାନରେ କହିବାକୁ ପଡ଼ିବ ? ଶିଶୁଟିଏ ଜନ୍ମ ହେଲା ଠାରୁ କଥା କହିବା ପର୍ଯ୍ୟନ୍ତ ତା’ ପାଇଁ ପିତାମାତା ଅନେକ କିଛି କରିଥାଆନ୍ତି। ଅନେକ କିଛି ଦୁଃଖ ସହିଥାଆନ୍ତି। ସେମାନଙ୍କର କୌଣସି ଆଶା ନଥାଏ। ପ୍ରତ୍ୟେକ ସନ୍ତାନ ସେମାନଙ୍କର ବୃଦ୍ଧତ୍ୱ ସମୟରେ ତାଙ୍କ ସେବା କରିବା ଶ୍ରେଷ୍ଠ କର୍ତ୍ତବ୍ୟ।

# ନୋବେଲ ପୁରସ୍କାରର ଜନକ ଆଲଫ୍ରେଡ୍ ନୋବେଲ



ଆଲ୍‌ଫ୍ରେଡ୍ ନୋବେଲ ୧୮୩୩ ମସିହାରେ ଷ୍ଟକ୍‌ହୋମଠାରେ ସ୍ୱିଡିଶ ପରିବାରରେ ଜନ୍ମ ନେଇଥିଲେ। ପିତା ଇମାନୁଏଲ୍ ଥିଲେ ଜଣେ ଇଂଜିନିୟର ତଥା ଉଦ୍ଭାବକ। କିନ୍ତୁ ପିଲାଦିନରୁ ବିସ୍ଫୋରକ ପ୍ରତି ଆଗ୍ରହ ଥିଲା ଆଲ୍‌ଫ୍ରେଡଙ୍କର। ସେ ଏହି ଦିଗରେ ଅଧିକ ଅଧ୍ୟୟନ ପାଇଁ ଉତ୍ସାହୀ ଥିଲେ। ତେବେ ଏ ବିଷୟରେ ପ୍ରାଥମିକ ଜ୍ଞାନ ମିଳିଥିବା ତାଙ୍କ ପିତାଙ୍କଠାରୁ। ଇମାନୁଏଲ୍‌ଙ୍କର ନାନା ପ୍ରକାର ବ୍ୟବସାୟରେ କ୍ଷତି ହେବା ପରେ ସେ ୧୮୩୭ ମସିହାରେ ସେଣ୍ଟ ପିଟର୍ସବର୍ଗକୁ ଚାଲିଯାଇଥିଲେ। ସେଠାରେ ସେ ବିଭିନ୍ନ ଯନ୍ତ୍ରପାତି ଏବଂ ବିସ୍ଫୋରକ ଉତ୍ପାଦନ ଆରମ୍ଭ କଲେ। ଆଧୁନିକ ପ୍ଲାଇଉଡ୍ ମଧ ସେ ପ୍ରସ୍ତୁତ କରିଥିଲେ। ପିଲାଦିନରୁ ବିସ୍ଫୋରକ ଏବଂ ରସାୟନ ପ୍ରତି ଆଗ୍ରହୀ ଥିବା ଆଲ୍‌ଫ୍ରେଡ୍ ୧୮ବର୍ଷ ବୟସରେ ରସାୟନ ବିଜ୍ଞାନରେ ଉଚ୍ଚତର ଅଧ୍ୟୟନ ପାଇଁ ପ୍ରଥମେ ପ୍ୟାରିସ୍ ଏବଂ ପରେ ଆମେରିକାକୁ ଯାଇଥିଲେ। ସେ ଏକାଧିକ ୟୁରୋପୀୟ ଦେଶରେ ଶିକ୍ଷାଲାଭ କରିଥିବାରୁ ପରିଷ୍କାର ଓ ଅନର୍ଗଳ ଭାବରେ ପାଞ୍ଚୋଟି ଭାଷା ବିଶେଷକରି ଇଂରାଜୀ, ଫ୍ରେଞ୍ଚ, ସ୍ୱିଡିଶ, ରୁଷିଆନ ଓ ଜର୍ମାନ ଭାଷାରେ କହି ଓ ଲେଖିପାରୁଥିଲେ। ସେ ତାଙ୍କ ବାପାଙ୍କ ପ୍ରୋତ୍ସାହନ କାରଣରୁ ବିସ୍ଫୋରକ ଉପରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ବହୁ ପରୀକ୍ଷା ନିରୀକ୍ଷାପରେ ସେ ଏକ ସ୍ପର୍ଶକାତର ବିସ୍ଫୋରକ ପ୍ରସ୍ତୁତ କରିଥିଲେ ଯାହାକୁ ୧୮୬୬ରେ ଡିନାମାଇଟ୍ ରୂପେ ନାମିତ କରାଗଲା।

ନୋବେଲଙ୍କ ଉଦ୍ଭାବନ ଖଣି, ପୂର୍ତ୍ତ, କୋଠା ନିର୍ମାଣ, ସୁଡ଼ଙ୍ଗ ଖୋଳା ଇତ୍ୟାଦିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ତାଙ୍କର ଉଦ୍ଭାବନ ଡିନାମାଇଟ୍ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷକରି ରସାୟନ ବିଦ୍ୟାରେ କୃତ୍ରିମବସ୍ତୁ ଯଥା ରବର ଏବଂ ଚମଡ଼ା ପ୍ରସ୍ତୁତିରେ ସହାୟକ ହୋଇଥିଲା। ତାଙ୍କ ପ୍ରଚେଷ୍ଟାରେ ୫ଟି ମହାଦେଶର ୨୦ଟି ଦେଶରେ ୯୦ଟି ଶିଳ୍ପଶାଳା ଓ ବାଣିଜ୍ୟଗାର ବା ବ୍ୟବସାୟିକ ସଂସ୍ଥା ଖୋଲା ଯାଇଥିଲା। ତାଙ୍କ ବ୍ୟବସାୟିକ ଉଦ୍ୟମ ଏବଂ ଉଦ୍ୟୋଗ ଶେଷରେ ଏକ ବିଶ୍ୱସ୍ତରୀୟ ଶିଳ୍ପରୂପେ ପରିଗଣିତ ହୋଇ ଯାହାକି ତାଙ୍କ ଆୟର ଏକ ମୁଖ୍ୟ ଉତ୍ସ ରୂପେ ପରିଣତ ହେଲା। ସେ ପାଲଟିଗଲେ ବିଶ୍ୱପତି। ଏବେ ସେଇ ଅର୍ଥ ତାଙ୍କ ଇଚ୍ଛାନୁଯାୟୀ ମଣିଷଜାତିର ସେବାରେ ବିନିଯୋଗ ହେଉଛି ବିଶେଷକରି ନୋବେଲ ପୁରସ୍କାର ଆକାରରେ ପ୍ରତିବର୍ଷ ଯାହାକି ମାନବ ସେବା ପାଇଁ ତଥା ସୃଜନପାଇଁ ପ୍ରେରଣାର ଉତ୍ସ ଓ ଶ୍ରମର ମର୍ଯ୍ୟଦା ସ୍ୱରୂପ ଅଟେ। ଏମିତି ଏକ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ଘଟଣା ତାଙ୍କ ଆଖି ଖୋଲିଦେଲା। ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ନୋବେଲ ପୁରସ୍କାର ସ୍ଥାପନର ଇତିହାସ ମଧ ଖୁବ୍ ସମ୍ବେଦନଶୀଳ। ସମ୍ବାଦପତ୍ରରେ ଶୋକବାର୍ତ୍ତାର କେଇଟି ବାକ୍ୟ ବିଖ୍ୟାତ ରସାୟନ୍‌ବିଦ୍, ଇଞ୍ଜିନିୟର, ଉଦ୍ଭାବକ ତଥା ଉଦ୍ୟୋଗପତି ଆଲଫ୍ରେଡ୍ ନୋବେଲଙ୍କ ହୃଦୟ ଓ ମସ୍ତିଷ୍କ ସବୁକିଛିକୁ ଦୋହଲାଇ ଦେଇଥିଲା। ଘଟଣାଟି ୧୮୮୮ ମସିହାର। ଆଲ୍‌ଫ୍ରେଡ୍‌ଙ୍କ ଭାଇ ଲୁଡଭିଗ୍ କେନ୍‌ସରେ ଥିବା ସମୟରେ ମୃତ୍ୟୁବରଣ କଲେ। ଏକ ଫରାସୀ ଖବରକାଗଜ ଭୁଲବଶତଃ ଲୁଡ୍‌ଭିଗ୍‌ଙ୍କ ବଦଳରେ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁ ଘଟିଛିମାନେ କରି ଖବରକାଗଜରେ ଶୋକ ସମ୍ବାଦଟିଏ ଦେଲେ। ଏହି ଶୋକ ସମ୍ବାଦଟି ପଢ଼ିବା ପରେ ଆଲ୍‌ଫ୍ରେଡ୍ ଚିନ୍ତା କଲେ କ’ଣ ଲୋକମାନେ ମତେ ଏମିତି ଦୃଷ୍ଟିରେ ଦେଖୁଛନ୍ତି ? ସେମାନେ ମତେ ଏକ ଦୁଷ୍ଟ ଆତ୍ମା ଭାବରେ ମନେ ରଖିବେ ? ଶୋକସମ୍ବାଦର ଶିରୋନାମା ଥିଲା ‘ମୃତ୍ୟୁର ସୌଦାଗର ମୃତ’। ଖବରଟିରେ ତାଙ୍କ ଡିନାମାଇଟ୍ ଆବିଷ୍କାରକୁ ତିରସ୍କାର କରାଯାଇଥିଲା। ଲେଖାଯାଇଥିଲା-ଡଃ ଆଲ୍‌ଫ୍ରେଡ୍ ନୋବେଲ ଯେ ଲୋକମାନଙ୍କୁ ହତ୍ୟା କରିବାର ଦ୍ରୁତତମ ଉପାୟ ଖୋଜି ବାହାର କରି ଧନୀ ପାଲଟି ଯାଇଥିଲେ, ଶେଷରେ ମୃତ୍ୟୁବରଣ କରିଛନ୍ତି। ପତ୍ନୀ ଓ ସନ୍ତାନ ନଥିବା ଆଲ୍‌ଫ୍ରେଡ୍ ଖୁବ୍ ଦୁଃଖିତ ହେଲେ ଏଇ ଖବରଟିରେ। ସେ ଏମିତି ଭାବରେ ଲୋକଙ୍କ ସ୍ମୃତିରେ ରହିବେ ଏ ଚିନ୍ତା ତାଙ୍କୁ ଅସ୍ଥିର କରିଦେଲା। ଶେଷରେ ୧୮୯୫ ମସିହା ନଭେମ୍ବର ୨୭ ତାରିଖରେ ପ୍ୟାରିସ୍‌ସ୍ଥିତ ସ୍ୱିଡ଼ିସ୍ ନରୱେ କ୍ଲବଠାରେ ସେ ନିଜର ଶେଷ ଇଚ୍ଛାପତ୍ର ଏବଂ ଶପଥପତ୍ରରେ ସ୍ୱାକ୍ଷର କଲେ। ଏହି ଇଚ୍ଛାପତ୍ରରେ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଉଲ୍ଲେଖ କରାଗଲା। ଏଥିପାଇଁ ନିଜ ସମ୍ପତ୍ତିର ୯୪ ପ୍ରତିଶତ ଅଂଶ ସେ ଦାନ କରିଥିଲେ। ସେତେବେଳେ ଏହି ସମ୍ପତ୍ତିର ମୂଲ୍ୟ ଥିଲା ୩୧୨୨୫୦୦୦ ସ୍ୱିଡ଼ିସ୍ ମୁଦ୍ରା। ନୋବେଲ ୧୦ ଡିସେମ୍ବର ୧୮୯୬ରେ ତାଙ୍କ ନିଜ ଘର ସାନରେମୋ ଇଟାଲୀରେ ଶେଷ ନିଦ୍ରା ଯାଇଥିଲେ। ପ୍ରତିବର୍ଷ ତାଙ୍କର ଏହି ମୃତ୍ୟୁ ଦିବସରେ ନୋବେଲ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମୃତ୍ୟୁ ପୂର୍ବରୁ ତାଙ୍କ ଇଚ୍ଛାନୁସାରେ ଏ ପୁରସ୍କାର ୧୯୦୧ ଠାରୁ ଦିଆଯାଇଆସୁଛି। ଏଥିପୂର୍ବରୁ ୧୯୬୯ ମସିହାରେ ପ୍ରଥମେ ଅର୍ଥନୀତି ଉପରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଆମ ଦେଶରୁ ସର୍ବ ପ୍ରଥମେ ସାହିତ୍ୟରେ ଗୀତାଞ୍ଜଳି ପାଇଁ ରବିନ୍ଦ୍ରନାଥ ଠାକୁର ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି। ୧୯୩୯ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଏହାବ୍ୟତୀତ ଡ. ହରଗୋବିନ୍ଦ ଖୁରାନା (ବିଜ୍ଞାନ), ଅମର୍ତ୍ତ୍ୟ ସେନ (ଅର୍ଥନୀତି) ଏବଂ ମଦର ଟେରେସା (ଶାନ୍ତି) ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଗତବର୍ଷ ଭାରତର କୈଳାସ ସତ୍ୟାର୍ଥୀ, ପାକିସ୍ତାନର କିଶୋରୀ ମଲାଲା ୟୁସୁଫଜାଇଙ୍କ ସହ ମିଳିତ ଭାବରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲେ। ନୋବେଲ ପୁରସ୍କାର ଏକ ସମୟରେ ସ୍ୱିଡ଼େନର ଷ୍ଟକହୋମ ଓ ନରୱେର ଓସ୍‌ଲୋଠାରୁ ସଂପୃକ୍ତ ରାଜପରିବାରମାନଙ୍କର ଉପସ୍ଥିତିରେ ପ୍ରଦାନ ହୋଇଥାଏ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଫୁଲନଖରାରୁ ଜବର ଦଖଲ ଉଚ୍ଛେଦ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ଼ ଅନ୍ତର୍ଗତ ଫୁଲନଖରା ଛକରୁ ଜବର ଦଖଲ ଉଚ୍ଛେଦ ହୋଇଛି। ପ୍ରଶାସନ, ପୁଲିସ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ୧୬ନମ୍ବର ଜାତୀୟ ରାଜପଥ ଫୁଲନଖରା ଛକଠାରୁ ରାଜପଥ ପାର୍ଶ୍ୱ ବମ୍ପକୁଦ ପର୍ଯ୍ୟନ୍ତ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ଏଥିରେ ସିଏମସି ଡେପୁଟୀ କମିଶନର ଅଜୟକୁମାର ମହାନ୍ତି, ସଦର ଥାନା ଅଧିକାରୀ ରଶ୍ମିରଂଜନ ମହାପାତ୍ର, ଜାତୀୟ ରାଜପଥ ଅଧିକାରୀ ପଞ୍ଚାନନ ପାଲ, ପ୍ରଭାତ ଲେଙ୍କା, ରବିନ୍ଦ୍ର ଜେନା, ଅଶୋକ ବାରିକ ଏବଂ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜଳଖିଆ ଦୋକାନ, ଢାବା, ଗ୍ୟାରେଜ, ପାନ ଦୋକାନ ଓ ଅନ୍ୟାନ୍ୟ ୨୨ଟି ବେଆଇନ ନିର୍ମାଣକୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଥିଲାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବମ୍ପକୁଦଠାରୁ କଟକ ଶିଖରପୁର ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ମସିହା ନଭେମ୍ବର ୨୭ ତାରିଖରେ ପ୍ରଶାସନ ତରଫରୁ ଫୁଲନଖରା ବଜାରରୁ ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଥିଲା।

## ସ୍କୁଲ ବସ ସେବା ଆରମ୍ଭ ଉଦ୍ୟମ ପାଇଁ ସରଖେଲଙ୍କ ସଂଗଠନକୁ ପ୍ରଶଂସା

ପାରାଦୀପ (ପିଏନ୍)-ନିକଟ ଅତିତରେ ପାରାଦୀପ ପୌର ନିର୍ବାଚନରେ ସର୍ବାଧିକ ସ୍ୱାଧୀନ ପାରିଷଦ ବିଜୟୀ ହୋଇଥିବା ଆମ ପାରାଦୀପ ଆମ ପ୍ରଗତୀ ସଂଗଠନ ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏହି ସଂଗଠନର ପ୍ରତିଷ୍ଠାତା ବିଶିଷ୍ଟ ଶ୍ରମିକ ନେତା ତଥା ରାଜନେତା ଅରିନ୍ଦମ ସରଖେଲ (ବାପି) ଏବଂ ତାଙ୍କ ପ୍ରାର୍ଥୀମାନେ ବିଜୟ ଲାଭ କଲେ ସ୍ଥାନୀୟ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ସାଧାରଣତଃ ନିର୍ବାଚନ ସମୟରେ ପ୍ରାର୍ଥୀମାନେ ବିଭିନ୍ନ ପ୍ରତିଶୃତି ଦେଇ ନିର୍ବାଚନ ପରେ ଏହାକୁ ପାଶୋରି ଯାଇଥାନ୍ତି । କିନ୍ତୁ ପୌର ନିର୍ବାଚନ ପରେ ସରଖେଲଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ବିଭିନ୍ନ ୱାର୍ଡ ବୁଲି ସମସ୍ୟା ସମାଧାନ ଦିଗରେ ସେମାନଙ୍କ ପ୍ରଚେଷ୍ଟା ଜାରି ରଖିଥିବା ଦେଖିବାକୁ ମିଳୁଛି । ତେବେ ପାରାଦୀପ ପୌରାଂଚଳର ମୁଖ୍ୟ ସମସ୍ୟା ହେଲା ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା । ଏହାର ସମାଧାନ ଦିଗରେ ପୌରାଧ୍ୟକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯାଇ ଏହି ସମସ୍ୟାର ନିରାକରଣ ଦିଗରେ ପ୍ରଚେଷ୍ଟା ଜାରି ରହିଥିବା ଜଣାପଡିଛି । ସେହିପରି ଦୀର୍ଘବର୍ଷ ହେବ ନେହେରୁ ବଙ୍ଗଳାରୁ ବଡପଡିଆ ପର୍ଯ୍ୟନ୍ତ ସ୍କୁଲ ବସ ସେବା ନଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଠ ପଢିବାରେ ସମସ୍ୟା ସୃଷ୍ଟି ହେଉଥିଲା ଏବଂ ଏହା ସେତେବେଳେ ଆମ ପାରାଦୀପ ଆମ ପ୍ରଗତୀ ପ୍ରାର୍ଥୀଙ୍କ ମୁଖ୍ୟ ନିର୍ବାଚନୀ ପ୍ରତିଶୃତି ଥିଲା । ତେବେ ସରଖେଲଙ୍କ ଉଦ୍ୟମ ଫଳରେ ପାରାଦୀପ ବନ୍ଦର ପକ୍ଷରୁ ସ୍କୁଲ ପିଲାଙ୍କ ପାଇଁ ଏବେ ବସ ସେବା ଆରମ୍ଭ ହୋଇଛି । ଏହିପରି ବିଭିନ୍ନ ସାମାଜିକ ଓ ଜନମଙ୍ଗଳ କାର୍ଯ୍ୟ ପାଇଁ ବାପି ସରଖେଲ ଏବଂ ତାଙ୍କ ସ୍ୱାଧୀନ ପାରିଷଦମାନଙ୍କୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।

## ପାରାଦୀପ ଲାଇଟ ହାଉସ ନିକଟରେ ଅଘଟଣ



ପାରାଦୀପ (ପିଏନ୍)-ପାରାଦୀପ ଲାଇଟ ହାଉସ ନିକଟସ୍ଥ ସମୁଦ୍ରରେ ବୁଡିଯାଇ ଜଣେ ସ୍କୁଲ ଛାତ୍ର ନିଖୋଜ ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ ପାରାଦୀପର ବେଥାନୀ ସ୍କୁଲର ଜଣେ ନବମ ଶ୍ରେଣୀ ଛାତ୍ର ସ୍କୁଲ ଛୁଟି ପରେ ସାଙ୍ଗ ମାନଙ୍କ ସହ ସମୁଦ୍ରରେ ଗାଧୋଇବା ବେଳେ ପ୍ରବଳ କରେଂଟରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ତେବେ ଲଘୁଚାପଜନିତ ଅଶାନ୍ତ ସମୁଦ୍ରର ପ୍ରଖର ସ୍ରୋତରେ ଛାତ୍ର ଜଣକ ଭାସି ଯାଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ନିଖୋଜ ଛାତ୍ର ଜଣକ ପାରାଦୀପ ମଧୁବନସ୍ଥିତ ଗୋପାଳଜୀଉ କଲୋନୀର ପ୍ରମୋଦ କୁମାର ଦାସଙ୍କ ପୁଅ ପ୍ରୀତମ ଦାସ ବୋଲି ଜଣାପଡିଛି । ଘଟଣାସ୍ଥଳରେ ପାରାଦୀପ ଜଟାଧାର ମୁହାଣ ପୋଲିସ ଓ ଅଗ୍ନିଶମ ବିଭାଗ ଉପସ୍ଥିତ ରହି ଘଟଣାର ଅନୁସନ୍ଧାନ କରିଥିବା ବେଳେ ସମୁଦ୍ର କୂଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ପାରାଦୀପ ବେଳାଭୂମିକୁ ବିଭିନ୍ନ ଅଂଚଳରୁ ପର୍ଯ୍ୟଟକମାନେ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପ୍ରତିରୋଧମୂଳକ ପଦକ୍ଷେପ ଓ ସତର୍କତା ସୂଚନା ଫଳକ ନଥିବା କାରଣରୁ ଅନେକ ସମୟରେ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକେ ମୃତ୍ୟୁମୁଖରେ ପଡୁଥିବା ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି । ଏତଦ୍‌ବ୍ୟତିତ ଏହି ବିପଦପୂର୍ଣ୍ଣ ସମୁଦ୍ରରେ ଗାଧୋଇବା ପାଇଁ ବାରଣ ଥିବା ଏବଂ ଏହାକୁ ତନଖି କରିବା ପାଇଁ ପୋଲିସର ପ୍ୟାଟ୍ରୋଲିଂ ଅଭାବରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ଶକ୍ତି ଉତ୍ତୋଳନରେ ପ୍ରଭାକରଙ୍କୁ ସ୍ୱର୍ଣ୍ଣ



ଫୁଲନଖରା (ପିଏନ୍)-ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସଦର ଥାନା ଆମଣ ପଞ୍ଚାୟତ ଅନ୍ତର୍ଗତ ଅଡ଼ାଳିଆ ଗ୍ରାମର ପ୍ରଭାକର ସେଠୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାୟଗଡ଼ାଠାରେ ଅନୁଷ୍ଠିତ ପ୍ରଥମ କଳିଙ୍ଗ ଓପନ ଭାରୋତ୍ତୋଳନ ଚମ୍ପିଆନସିପରେ ପ୍ରଭାକର ଚମତ୍କାର ପ୍ରଦର୍ଶନ କରି ମାଷ୍ଟର୍ସ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ଦୁଇଶହ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହା ପୂର୍ବରୁ ପ୍ରଭାକର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆମଣ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସୁଭାସୀନି ସେଠୀ, ଗୁରୁ ରୁଦ୍ରନାରାୟଣ ସାହୁ, ବିଚିତ୍ରାନନ୍ଦ ନାୟକ, ସୌମ୍ୟ, ଆକାଶ, ରାକେଶ, ଅଭୟ, ରୋନିତ ଓ ରକି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ମାରପିଟ୍, ୩ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମ୍ପାଲୁ ଓ ମଙ୍ଗରାଜପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୬ ତାରିଖରେ ଗଣ୍ଡଗୋଳ ଘଟି ଉଭୟ ପରିବାରର ୮ଜଣ ଆହତ ହୋଇଥିଲେ । ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଆଧାରକରି ପୁଲିସ ୩୫୨/୨୨ ଓ ୩୫୩/ ୨୨ରେ ଦୁଇଟି କେଶ ରୁଜୁ କରି ତଦନ୍ତ ଚଲାଇବା ସହ ଏହି ଘଟଣାରେ ପୁଲିସ ମଙ୍ଗରାଜପୁର ଗ୍ରାମର ଲକ୍ଷ୍ମୀଧର ସାହୁ (୬୦), ଜଗବନ୍ଧୁ ସାହୁ (୩୦) ଓ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ (୪୫)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଜେନାପୁର ଥାନା ଏସଆଇ ସୌମ୍ୟରଂଜନ ଭୋଳ ସୂଚନା ଦେଇଛନ୍ତି ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday March 01, 2024 ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୧ ,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ୩୦ କେଜି ଗଞ୍ଜେଇ ଜବତ, ଚ଼ାରି ଅଭିଯୁକ୍ତ ଗିରଫ

ମାଲକାନଗିରି, (ପି.ଏନ): ମାଥିଲି ପୋଲିସକୁ ମିଳିଛି ବଡ଼ ସଫଳତା। ୩୦ କେଜି ଗଞ୍ଜେଇ ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ମାଥିଲି ପୋଲିସ। ସୂଚ଼ନାରୁ ଜଣାପଡିଛି ଯେ, ଚ଼ାରି ଜଣ ଯୁବକ ଏକ ନୀଳ ରଙ୍ଗର ହୁଣ୍ଡାଇ ଆଇ-୨୦ ଗାଡି ଡିକିରେ ଗଞ୍ଜେଇ ଚୋରାଚ଼ାଲାଣ କରୁଥିବା ପୋଲିସକୁ ସୂଚ଼ନା ମିଳିଥିଲା। ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦ ପଲ୍ଲୀ ଯାଞ୍ଚ ଫାଟକ ନିକଟରେ ପୂର୍ବରୁ ପୋଲିସ ଜଗି ରହିଥିଲା। ନୀଳ ରଙ୍ଗର ଗାଡିଟି ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ ଅଟକାଇଥିଲା।ପରେ ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ମାଥିଲି ପୋଲିସ ତୁରନ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗଞ୍ଜେଇକୁ ଜବତ କରିଥିଲା। ଅଭିଯୁକ୍ତଙ୍କୁ ପ୍ରାଥମିକ ପଚ଼ରା ଉଚ୍ଚୁରାରୁ ୩ ଜଣ କେରଳ ରାଜ୍ୟର ହୋଇଥିବା ବେଳେ ଜଣେ ମାଲକାନଗିରି ଜିଲ୍ଲା ଚ଼ିତ୍ରକୋଣ୍ଡା ନୂଆଗୁଡ଼ ଗାଁର ବୋଲି ଜଣାପଡିଛି। ସେମାନେ ହେଲେ କେରଳର ଇରସାଦ



କେ (୩୦) , ବିବିନ ସିଏସ (୩୩) , ବାବୁ କେ (୪୧) ଏବଂ ଚ଼ିତ୍ରକୋଣ୍ଡା ନୂଆଗୁଡ଼ ଗ୍ରାମର ସୁରେଶ ଖିଲ (୩୫) ବୋଲି ଜଣାପଡିଛି। ଏମାନଙ୍କ ନିକଟରୁ ୩୦ କେଜି ଗଞ୍ଜେଇ, ହୁଣ୍ଡାଇ ଆଇ-୨୦ କାର,ନଗଦ ୧୫୯୦ ଟଙ୍କା,୪ ଟି ମୋବାଇଲ,୪ ଟି ଆଧାରକାର୍ଡ, ଗୋଟିଏ ଡ୍ରାଇଭିଂ ଲାଇସେନ୍ସ,ଗାଡ଼ି ଆରସି ଜବତ କରାଯାଇଥିବା ବେଳେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚ଼ାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଦେବଦତ୍ତ ମଲ୍ଲିକ ପ୍ରକାଶ କରିଛନ୍ତି।

## ଅରିନ୍ଦମ ସାର୍ଖେଲଙ୍କୁ ବଦନାମ କରିବାକୁ ଚକ୍ରାନ୍ତ ଅଭିଯୋଗରେ ଥାନାରେ ଏତଲା ଦେଲେ ସମର୍ଥକ

ପାରାଦୀପ,(ପି.ଏନ): ଆମ ପାରାଦୀପ ଆମ ପ୍ରଗତି ଉପଦେଷ୍ଟା ଅରିନ୍ଦମ ସାର୍ଖେଲଙ୍କୁ ବଦନାମ କରିବା ପାଇଁ ମିଥ୍ୟା ଖବର ପ୍ରଚାର କରୁଥିବା ନେଇ ଅଭିଯୋଗ କରି ସଙ୍ଗଠନର ଉପସଭାପତି ଛବିଲତା ରାଉତ ଗୁରୁବାର ଦିନ ପାରାଦୀପ ଥାନାରେ ଏତଲା ଦେଇଛନ୍ତି । ଗୁରୁବାର ଦିନ ପୂର୍ବାହ୍ନରେ ଛବିଲତା ତାଙ୍କ ସଙ୍ଗଠନର ସଦସ୍ୟସଦସ୍ୟାମାନଙ୍କ ସହିତ ଆସି ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

## ୧୫ ବର୍ଷିଆ ନାବାଳିକା ଦୁଷ୍କର୍ମ ମାମଲାର ଅଭିଯୁକ୍ତ କୁ ୨୦ ବର୍ଷ ଜେଲ ଓ ୨୦ ହଜାର ଜୋରିମାନା

ଫୁଲବାଣୀ,(ପି.ଏନ):ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ର ବିଚ଼ାରପତି ମିହିର୍ ରଞ୍ଜନ ପରିଡ଼ା ଆଜି ଏକ ୧୫ ବର୍ଷୀୟା ନାବାଳିକା ର ଦୁଷ୍କର୍ମ ମାମଲାର ବିଚ଼ାରଣା କରି ଘଟଣାର ୧୧ଜଣ ସାକ୍ଷୀ,ଡାକ୍ତରୀ ରିପୋର୍ଟ୍ ଓ ପିଡିତାଙ୍କ ବୟାନ ଆଧାର ରେ ଘଟଣାର ଅଭିଯୁକ୍ତ ସରୋଜ ସାଣ୍ଢ (୨୬) କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜୋରିମାନା ଅନାଦେୟ ତାକୁ ଅଧିକ ୧୦ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାଲାକୁ ସରକାର ଙ୍କ ପକ୍ଷରୁ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚ଼ାଳନା କରୁଥିଲେ। ସୁଚ଼ନା ଅନୁସାରେ ୨୦୧୭ ମସିହା ଜୁନ୍ ମାସ ୨୩ ତାରିଖ ଦିନ ଅଭିଯୁକ୍ତ ପିଡୀତ କୁ ଅପହରଣ କରିନେଇ ଗୋଛାପଡା ଥାନା ଅନ୍ତର୍ଗତ ସଲାଗୁଡା ଗ୍ରାମରେ, ତା'ର ମାଉସୀ ଘରେ ରଖି ୧୫ ଦିନ ଧରି, ତାକୁ ବିବାହର ପ୍ରଲୋଭନ ଦେଖାଇ ଜୋର ଜବରଦସ୍ତି ତା ସହିତ ଶାରିରୀକ ସମ୍ପର୍କ ରଖିଥିଲା। ପିଡିତାଙ୍କ ଘର ଲୋକେ, ଖବର ପାଇ ପିଡୀତ ର ବାପା ଏ ସମ୍ବନ୍ଧରେ ଫିରିଙ୍ଗିଆ ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ଥାନାଧିକାରୀ ଏକ ମାମଲା ୬୯/୧୭ ରୁଜୁ କରି, ୨୦୧୭ ମସିହା ଜୁଲାଇ

## ସମ୍ବର୍ଦ୍ଧିତ ହେଲେ ବେଦ ଗବେଷିକା ମମତା

ଖୋର୍ଦ୍ଧା, (ପିଏନ): ଉତ୍କଳ ବୁଲେଟିନ ଚ଼ାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଆର୍ଯ୍ୟ ସମାଜର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ଓ ସମାଜସେବୀ ନାରାୟଣ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବେଦ ଗବେଷିକା ତଥା ଶିକ୍ଷୟିତ୍ରୀ ମମତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବିଜେଡ଼ିର ଜନସମ୍ପର୍କ ଅଭିଯାନ

ଭୁବନେଶ୍ୱର,(ପି.ଏନ): ଜଟଣୀ ପୌରା ଳରେ ବିଜେଡ଼ି ବୁଧବାର ଶକ୍ତି ପ୍ରଶର୍ଦନ କରିଥିଲା। ଜନସମ୍ପର୍କ ଅଭିଯାନ ସହିତ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ସ୍ଥାନୀୟ ଟାଉନହଲ୍ ପରିସରରେ ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ବିଜେଡ଼ି ସଭାପତି ବିଭୂତି ବଳବନ୍ତରାୟଙ୍କ ନେତୃତ୍ୱରେ ସଭା ହୋଇଥିଲା। ଏଥିରେ ଶ୍ରମିକ କଲ୍ୟାଣ ବୋର୍ଡ଼ର ଅଧକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଅନେକ ଲୋକାଭିମୁଖି ଯୋଜନା ଉପରେ ଉପସ୍ଥିତ ଦଳୀ କର୍ମୀ



ଓ ଜନସାଧାରଣଙ୍କୁ ଅବଗତ କରାଇଥିଲେ କାର୍ଯ୍ୟକ୍ରମରେ ପୌରାଧକ୍ଷ ଅନନ୍ତ ବେହେରା, ଉପାଧକ୍ଷା ଆରତୀ ରାଉତ, କୈଳାସ ମହାପାତ୍ର, ସୁଦର୍ଶନ ସୁନ୍ଦରାୟ, ସୁକୃତି ଦାସ, କାଉନସିଲର ଶାଶଙ୍କ ରାୟ, ଜଟାଧାରୀ ପ୍ରଧାନ, ବିଷ୍ଣୁ ସାହୁ, ଉତ୍କଳ କେଶରୀ ବଳିଆରସିଂହ, ସନ୍ତୋଷ ସାମନ୍ତରାୟ, ପ୍ରଶାନ୍ତ ବେହେରା, କୁନେଇ ମହାପାତ୍ର, ଅନନ୍ତ ଶତପଥୀ, ଦୀପକ ମହାକୁଡ଼ଙ୍କ ସହ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଦଳୀୟ ପ୍ରଚାର ପାଇଁ ରାଜ୍ୟ ରାଜକୋଷ ଲୁଟୁଛନ୍ତି ବିଜେଡି ସରକାର: ଡ. ବିଶ୍ୱରନ ମହାନ୍ତି

ଭୁବନେଶ୍ୱର, (ପି.ଏନ): ନବୀନ ଶାସନରେ ଓଡ଼ିଶାର ଭବିଷ୍ୟତ କେଉଁ ଆଡ଼କୁ ଯାଉଛି ? ରାଜ୍ୟରେ ଲୋକଙ୍କ ଆୟ ବଢୁନଥିବାବେଳେ ଖର୍ଚ୍ଚ ତିନିଗୁଣା ହେଲାଣି। ବିଭିନ୍ନ ବିଭାଗରେ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ପଦବି ଖାଲି ପଡ଼ିଥିବାବେଳେ ରାଜ୍ୟ ସରକାର ସେଗୁଡ଼ିକ ପୂରଣ ନ କରି ଶିକ୍ଷିତ ଯୁବକ ଯୁବତୀଙ୍କୁ ନିର୍ବାଚନ ସମୟରେ ନୂଆ ନୂଆ ଯୋଜନା ନାଁରେ ଭଣ୍ଡାଉଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ବଦଳରେ ସଶକ୍ତୀକରଣ ଆଳରେ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରୁଛନ୍ତି। ରାଜ୍ୟର ପ୍ରକୃତ ବିକାଶ କଥା ଚିନ୍ତା ନକରି ଲୋକଙ୍କ ଟଙ୍କା ଲୋକଙ୍କୁ ବାଂଟି ନିର୍ବାଚନୀ ଲଲିପପ୍ ଧରାଉଛନ୍ତି। ଖାଲି ସେତିକି ନୁହେଁ, ବିଜେଡି ସରକାର ଦଳୀୟ ପ୍ରଚାର ପାଇଁ ରାଜ୍ୟ ରାଜକୋଷକୁ ଲୁଟୁଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ.ବିଶ୍ୱରନ ମହାନ୍ତି କହିଛନ୍ତି। ଗୁରୁବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ.ମହାନ୍ତି କହିଲେ ଯେ ନବୀନ ବାବୁ ସରକାରୀ ଅର୍ଥରେ ବିଜୁ ଜନତା ଦଳର ପ୍ରଚାର କରୁଛନ୍ତି। ଜନସାଧାରଣଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଟିକସ ଓ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ନେଇ ନିର୍ବାଚନୀ ପ୍ରଚାରରେ ଖର୍ଚ୍ଚ କରାଯାଉଛି। ସରକାରୀ ଯୋଜନାରେ ଶଙ୍ଖଚିହ୍ନ ଲାଗୁଛି। ଯାହାକୁ ନେଇ ଗତକାଲି ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ସ୍ପଷ୍ଟୀକରଣ ମାଗିଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ବିଜେଡି ସରକାର ଏତେ ତଳକୁ ଖସିଯାଇନ୍ତି ଯେ ଓଡ଼ିଆଙ୍କ ପରିଚୟ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ଦଳୀୟ ପ୍ରଚାରରୁ ବାଦ୍ ଦେଇନାହାନ୍ତି। ଅର୍ପଣ ରଥରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ତାମିଲ ବାବୁଙ୍କ ଫଟୋ ଲଗାଇ ପ୍ରଚାର କରାଗଲା। ଏସବୁ ସମ୍ପୂର୍ଣ୍ଣ ଅନୈତିକ। ଏଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ଓ ଦଳୀୟ ପ୍ରଚାର ପାଇଁ ସରକାରୀ ତହବିଲରୁ ନେଇଥିବା କୋଟି କୋଟି ଟଙ୍କା ଫେରସ୍ତ କରନ୍ତୁ ବୋଲି ଡ. ମହାନ୍ତ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଗତ ୨ସପ୍ତାହ ମଧ୍ୟରେ ଡଜନେରୁ ଅଧିକ ଯୋଜନା ଘୋଷଣା ହେଲାଣି। ଏହା ପୂର୍ବରୁ ଆମେ ନବୀନ ବାବୁଙ୍କ ୨୪ବର୍ଷର ଶାସନ ଓ ୫ଟି ନିର୍ବାଚନ ଦେଖିଛୁ, କିନ୍ତୁ ଏଭଳି ପ୍ରଚାର କାଙ୍ଗାଳ ସରକାର ଦେଖିନୁ। ବର୍ତ୍ତମାନ ନବୀନ ବାବୁ ସମ୍ପୂର୍ଣ୍ଣ ଭୟଭୀତ ହୋଇପଡିଛନ୍ତି। ତେଣୁ କେବଳ ଭୋଟ୍ ହାତେଇବା ପାଇଁ ଏବଂ ନିଜର ପ୍ରଚାର କରିବା ପାଇଁ ପ୍ରତିଦିନ ଗୋଟିଏ ପରେ ଗୋଟିଏ ଯୋଜନା ଘୋଷଣା କରିଚାଲିଛନ୍ତି। ସମାନ ଭାବେ ୨୦୧୯ ନିର୍ବାଚନ ପୂର୍ବରୁ ପିଠା, ବିଜୁ ଯୁବ ବାହିନୀ, ଆମ ଗାଁ ଆମ ବିକାଶ ଭଳି ଅନେକ ଯୋଜନା ଆସିଥିଲା। କିନ୍ତୁ ସେ ଯୋଜନା ଏବେ ଗଲା କୁଆଡେ। ୪ଦିନ ତଳେ ଭାରତ ସରକାରଙ୍କ ଏନ୍ଏସ୍ଏସଓର ଏକ ରିପୋର୍ଟ ଆସିଛି। ଏହି ରିପୋର୍ଟ ଅନୁଯାୟୀ, ପ୍ରତ୍ୟକ ଭାରତୀୟଙ୍କ ଖର୍ଚ୍ଚ ଗତ ୧୦ବର୍ଷରେ ୩ଗୁଣା ବଢ଼ିଛି। ଗ୍ରାମାଂଚଳ ଲୋକଙ୍କ ଖର୍ଚ୍ଚ ପାଖାପାଖି ୩,୮୦୦ ଥିବାବେଳେ ସହରାଂଚଳ ଲୋକଙ୍କ ଖର୍ଚ୍ଚ ୬ ହଜାର ୫ଶହ ଟଙ୍କା ହେଲାଣି। ଏହାର ମୁଖ୍ୟ କାରଣ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି। ବର୍ତମାନ ୫ଜଣିଆ ସଦସ୍ୟ ବିଶିଷ୍ଟ ଏକ ଗ୍ରାମାଂଚଳ ପରିବାର ମାସକୁ ୨୦ହଜାର ଟଙ୍କା ଓ ସହରାଂଚଳ ଲୋକ ୩୦,୫୦୦ ଟଙ୍କା ଖର୍ଚ୍ଚ ଦରକାର କରୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକଙ୍କ ଆୟ ଦୁଇଗୁଣା କରିବାକୁ ଘୋଷଣା କରିଥିବାବେଳେ ବର୍ତମାନ ସୁଦ୍ଧା ତାହା କରିପାରିନାହାଁନ୍ତି, ଅଥଚ ଖର୍ଚ୍ଚ ତିନିଗୁଣା ବଢ଼ିଗଲାଣି। ନବୀନ ସରକାରଙ୍କ ଏତେ ସବୁ ଯୋଜନା ସତ୍ତ୍ୱେ ରାଜ୍ୟରେ ଚାଷୀ, ଖଟିଖିଆ, ଭାଗଚାଷୀ, ଦିନମଜୁରିଆ ଓ ମହିଳାମାନଙ୍କ ଆୟ ତିନିଗୁଣ ବଢ଼ିଛି କି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବର୍ତମାନ ଏମ୍ଜିଏନଆରଇଜିଏସ୍ରେ ଶ୍ରମିକଙ୍କୁ ମାତ୍ର ୨୨୦ ଟଙ୍କା ମିଳୁଥିବାବେଳେ ଦୈନିକ ମଜୁରୀ ମାତ୍ର ୩୪୫ ଟଙ୍କା ମିଳୁଛି। ପଡ଼ୋଶୀ ରାଜ୍ୟ ତେଲଙ୍ଗାନାରେ ଲୋକଙ୍କୁ ମାସିକ ଭତା ୨ହଜାର, ଆନ୍ଧ୍ର ପ୍ରଦେଶରେ ୩ହଜାର ଓ ଅନ୍ୟ କେତେକ ରାଜ୍ୟରେ ୪ ହଜାର ଟଙ୍କା ପର୍ଯ୍ୟନ୍ତ ଭତା ମିଳୁଥିବାବେଳେ ବିଜେଡି ସରକାର ଏତେ ବର୍ଷର ଶାସନ ପରେ ଏବେ ଭତା ଟଙ୍କା ୫ଶହରୁ ୧ହଜାର ଟଙ୍କାକୁ ବଢ଼ାଇ ବାଃ ବାଃହା ନେଉଛନ୍ତି। ରାଜ୍ୟରେ କୃଷି ବଜେଟ ରହିଥିବାବେଳେ ଚାଷୀଙ୍କ ଜମିକୁ ଜଳସେଚନ, ଏମଏସ୍ପି, ସବ୍ସିଡି ଆଦି ମିଳିପାରିଲାନି। ସେମାନଙ୍କ ଆୟ ବଢ଼ିପାରିଲାନି। ଅନ୍ୟପକ୍ଷରେ ଏବେ ଯୁବ ବଜେଟ କଥା କହି ସରକାର ଯୁବବର୍ଗଙ୍କୁ ଭଣ୍ଡାଇବାକୁ ବସିଛପକ୍। ସ୍ୱୟମ ଯୋଜନାରେ ସରକାର ୧ଲକ୍ଷ ଟଙ୍କା ଲେଖାଏ ଦେବାକୁ ଘୋଷଣା କରିଛନ୍ତି। ଏହି ଯୋଜନା ମାତ୍ର ୨ବର୍ଷ ଚାଲିବ। ତେବେ ଏହି ୧ଲକ୍ଷ ଟଙ୍କା ନେଇ ୨ବର୍ଷ ମଧ୍ୟରେ ଯୁବବର୍ଗ ସ୍ୱାବଲମ୍ବୀ ହୋଇପାରିବେ କି ବୋଲି ଡ.ମହାନ୍ତି ପ୍ରଶ୍ନ କରିଛନ୍ତି। ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ଆମ ମହାପୁରୁଷମାନଙ୍କ ଓଡ଼ିଶାକୁ ଆଜି ନବୀନ ଓଡ଼ିଶା ନାମରେ କରିନେବାକୁ 'ନୂଆ ଓ-ନବୀନ ଓଡ଼ିଶା' କରାଯାଇଛି। ଏହି ଯୋଜନାରେ କୋଟି କୋଟି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରଚାରରେ ଭ୍ରମିତ ନ ହେବାକୁ ଡ. ମହାନ୍ତି ଅନୁରୋଧ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପ୍ରଶାନ୍ତ ଶତପଥୀ, ଅଭିଷେକ ମହାନନ୍ଦ ଓ ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ପୌରପାଳିକା ଓାର୍ଡ ନମ୍ବର-୧୪ ସଫା ହେଉନି ଡ୍ରେନ୍ ମଶାରେ ବ୍ୟତିବ୍ୟସ୍ତ ଲୋକ : କୁଆଡେ ଗଲା ମଶା ତେଲ, ବ୍ଲିଚିଂ ପାଉଡର



ପାରାଦୀପ,(ପି.ଏନ): ପାରାଦୀପ ଏକ ଆନ୍ତର୍ଜାତୀୟ ବନ୍ଦର ସହର। ପାରାଦୀପ ସହର ଏକ ସ୍ୱଚ୍ଛ ସହର ବୋଲି ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ସ୍ୱଚ୍ଛ ସର୍ବେକ୍ଷଣରେ ପୁରସ୍କୃତ ହୋଇଛି । ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳଙ୍କ ଦକ୍ଷତା ଯୋଗୁଁ ପାରାଦୀପ ପୌରପାଳିକା ଦେଶର ସର୍ବ ଶ୍ରେଷ୍ଠ ସ୍ୱଚ୍ଛ ସହର ହେବାର ଗୌରବ ହାସଲ କରିଛି । ଅଧୁନା ପାରାଦୀପ ସହରର ନୂଆବଜାର ଅଂଚଳ ୧୪ ନମ୍ବର ଓାର୍ଡରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳୁଛି । ସଫେଇ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନୀ ଦିନକୁ ଦିନ ବଢିବାରେ ଲାଗିଲାଣି । ନୂଆବଜାର ଅଂଚଳରେ ଗଦା ଗଦା ଅଳିଆ ପଡି ରହିଥିବା ବେଳେ ଅଳିଆ ସଫା ନହେବା ଯୋଗୁଁ ବସନ୍ତ ଋତୁର ପବନରେ ଚାରିଆଡେ ଉଡୁଥିବା ଦେଖିବାକୁ ମିଳୁଛି। କଲୋନୀ ଠାରୁ ବସ୍ତି ଚାରି ଆଡେ ଅଳିଆ ଗଦା ହୋଇ ରହୁଥିବା ବେଳେ ଠିକାଦାର କିନ୍ତ ବେଫିକର। ନୂଆବଜାର ଅଂଚଳର ଓାର୍ଡ ଅଫିସର ପ୍ରତିଦିନ ଠିକାଦାରଙ୍କ ମୋଟର ସାଇକେଲରେ ବୁଲୁଛନ୍ତି ହେଲେ ଅଳିଆ କିନ୍ତୁ କାହିଁକି ଉଠୁ ନାହିଁ ସେ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓାର୍ଡରେ ଥିବା ଡ୍ରେନ୍ ଗୁଡିକ ବର୍ଷାଧିକ ସମୟ ହେବ ଆଉ ସଫା ହେଉ ନାହିଁ। ଡ୍ରେନ୍ରେ ବଡ ବଡ ଗଛ ଉଠିବା ଯିଏ ବି ଦେଖିବା ସେ ଅନୁଭବ କରିବ ଡ୍ରେନ୍ ଆଉ ସଫା ହେଉ ନାହିଁ । ଡ୍ରେନ୍ ସଫା ନହେବା କାରଣରୁ ମଶା ବଂଶ ଦିନକୁ ଦିନ ବଢିବାରେ ଲାଗିଛି । ରାତି ତ ରାତି ଦିନରେ ବି ମଶାଙ୍କ ଦଂଶନ ଭୋଗିବାକୁ ପଡୁଛି । ପାରାଦୀପ ପୌରପାଳିକା ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ମଶା ତେଲ ଓ ବ୍ଲିଚିଂ ପାଉଡର ଆସୁଥିଲେ ବି ଓାର୍ଡର କୌଣସି ସ୍ଥାନରେ ତାହା ପଡୁ ନାହିଁ । ରାସ୍ତାରେ ଗଲା ବେଳେ ଅଳିଆ ମୁହଁରେ ଉଡି ପଡୁଥିବା ଦେଖିବାକୁ ମିଳୁଛି । ଠିକାଦାରଙ୍କ ଏପରି ବେପରୁଆ ମନୋଭାବ ଯୋଗୁଁ ପାରାଦୀପ ପୌରପାଳିକା ବଦନାମ ହେଉଛି । ତୁରନ୍ତ ଏଦିଗରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବୀ ହେଉଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray